ଋଷିଆର ଲୋକ କଥା

Narayan

ରମେଶ ପତ୍ରୀ

Digitized by srujanika@gmail.com

ରୁଷିଆର ଲୋକକଥା

ଲେଖକ

ରମେଶ ପତ୍ରୀ

ପ୍ରକାଶକ :

ଡାଇମଣ୍ଡ୍ ପବ୍ଲିଶର୍ସ

ବେଲେଙ୍ଗା ବଜାର, କଟକ-୯

Digitized by srujanika@gmail.com

ଋଷିଆର ଲୋକକଥା

ଲେଖକ-
ରମେଶ ପତ୍ରୀ

ପ୍ରକାଶକ-
ଡାଇମଣ୍ଡ୍ ପବ୍ଲିଶର୍ସ
ଚେଲେଙ୍ଗା ବଜାର, କଟକ-୯

ପ୍ରଚ୍ଛଦପଟ—ନାରାୟଣ ସାହୁ

ନୂତନ ସଂସ୍କରଣ—ଜନ୍ମାଷ୍ଟମୀ—୧୯୮୮

ମୁଦ୍ରଣ-
ମହାଲକ୍ଷ୍ମୀ ପ୍ରେସ,
ସାହେବଜାଦା ବଜାର, କଟକ-୨

ମୂଲ୍ୟ—ଆଠ ଟଙ୍କା

Digitized by srujanika@gmail.com

ଉତ୍ସର୍ଗ

ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଡେପୁଟି ରେଜିଷ୍ଟ୍ରାର ସ୍ୱର୍ଗତ ଦଇତାରୀ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ।

ଲେଖକ

Digitized by srujanika@gmail.com

ପୁସ୍ତକ ସମ୍ବନ୍ଧରେ

ବିଜ୍ଞାନର ବହୁଳ ଉନ୍ନତି ସାଧିତ ହେବା ସଙ୍ଗେ ସଙ୍ଗେ ବିଶାଳ ବୃହତ୍ ପୃଥିବୀ ଆଜି କ୍ଷୁଦ୍ର ହୋଇ ଯାଇଛି । ଏହି ପୃଥିବୀ ପୃଷ୍ଠରେ ଥିବା ବିଭିନ୍ନ ଦେଶକୁ ଆମେ ଆମ ଘରଦ୍ୱାର ପାଖରେ ଦେଖିବାକୁ ସକ୍ଷମ ହୋଇ ପାରୁଛୁଁ । ହେଲେ ବିଭିନ୍ନ ଦେଶ ସମୂହ ଆମର ସମ୍ପର୍କ ଏବଂ ଦୃଷ୍ଟି ଭଙ୍ଗୀ କେବଳ ବ୍ୟବସାୟିକ ଭିତ୍ତିରେ ଗଢି ଉଠି ଥିବାରୁ ଏବେ ପାଖରେ ଥାଇବି ସାଧାରଣ ସ୍ୱାର୍ଥ ପାଇଁ ଅନେକ ବିଦ୍ୱେଷୀ ହୋଇ ପୃଥିବୀର ଶାନ୍ତିଭଙ୍ଗ କରିବାକୁ ପ୍ରସ୍ତୁତ ହେଉଛୁଁ । ଗୋଟିଏ ଦେଶର ସମ୍ପର୍କ ଆଉ ଗୋଟିଏ ଦେଶ ସହିତ କେବଳ ବ୍ୟବସାୟିକ ଭିତ୍ତିରେ ତିଷ୍ଠି ପାରିବ ନାହିଁ । ଏହି ବନ୍ଧୁତାକୁ ସୁଦୃଢ଼ କରିବାର ଅନ୍ୟଏକ ମାଧ୍ୟମ ହେଲା ପୃଥିବୀର ଅନ୍ୟାନ୍ୟ ଦେଶର ଲୋକଜୀବନ, ନୃତ୍ୟ ! ଲୋକସାହିତ୍ୟ ଓ ଲୋକ କଥନ ସହିତ ପରିଚିତ ହେବା ।

ଏହି ଦୃଷ୍ଟିରୁ ଆଜି ଦେଶ ଦେଶ ମଧ୍ୟରେ ସାଂସ୍କୃତିକ ବିନିମୟ ନିମିତ୍ତ ସମସ୍ତେ ଚେଷ୍ଟିତ ହେବା ଉଚିତ । ଏହା ବିନା ଆମେ ଗୋଟିଏ ଦେଶର ଜନସମ୍ମା ସହିତ ଏକୀଭୂତ ହୋଇ ପାରିବା ନାହିଁ ।

"ରୁଷିଆର ଲୋକକଥା" ଲିଖନର ପୃଷ୍ଠ ଭୂମିରେ କେବଳ ଏହି ଉଦ୍ଦେଶ୍ୟ ରହିଛି । ରୁଷିଆ ସହିତ ଆମ ଦେଶର ସମ୍ପର୍କ ଅତୁଟ ମଧୁରତର ହେଉ । ସେ ଦେଶର ଲୋକ ଜୀବନ, ନୃତ୍ୟ ଓ ଲୋକ କଥନ ସହିତ ଏ ଦେଶର ଶିଶୁମାନେ ପରିଚିତ ହୋଇ ଭବିଷ୍ୟତ ସମ୍ପର୍କକୁ ଚିରଞ୍ଜୀବୀ କରନ୍ତୁ — ଏହାହିଁ କାମନା ।

ପରିଶେଷରେ ଏହି ପୁସ୍ତକର ପ୍ରକାଶନ ଦାୟିତ୍ୱ ଡାଇମଣ୍ଡ୍ ପବ୍ଲିଶର୍ସ ସତ୍ତ୍ୱାଧିକାରୀ ଶ୍ରୀ ସୁଶାନ୍ତ କୁମାର ମିଶ୍ର ବହନ କରି ଥିବାରୁ ତାଙ୍କ ପାଖରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି ।

Digitized by srujanika@gmail.com

ଶ୍ରୀ ଅଜୟ ସାହୁଙ୍କ ଦ୍ୱାରା ପାଣ୍ଡୁଲିପିଟି ପ୍ରସ୍ତୁତ ହୋଇଛି । କୃଷ୍ଣ ପ୍ରଶାମ ଶ୍ରୀ ଦରବେଶ ପାଣିଗ୍ରାହୀଙ୍କ ଉତ୍ସାହ ଓ ଶିଳ୍ପୀ ଶ୍ରୀ ନାରାୟଣ ସାହୁଙ୍କ ତୂଳିକା ସ୍ପର୍ଶରେ ପୁସ୍ତକଟି ପ୍ରାଣବନ୍ତ ହୋଇ ଥିବାରୁ ସେମାନଙ୍କୁ ମଧ୍ୟ କୃତଜ୍ଞତା ଜଣାଉଁଛି ।

ସରସ୍ୱତୀ ବିହାର — ଉମେଶ ଷଡ଼ଙ୍ଗୀ
ଅନୁଗୁଳ

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
୧। ନରେନ୍ଦ୍ରଙ୍କ ଶିକ୍ଷା	୧
୨। ଟେଲେସ୍କିକ୍	୧୦
୩। କେଉଟ ବୁଢ଼ା ଓ ସୁନେଲ ମାଛ	୧୮
୪। ସୋନଝାଁ ଓ ବାଘମାସ	୨୪
୫। ଭଗନ୍ ଓ ଅସୁର	୨
୬। ଅଳସୁଆର ସ୍ୱର୍ଗ	୩୪
୭। ଭଲୁଆ ଡାକ୍ତର ଠେକୁଆ ରୋଗୀ	୩
୮। ସାଗର ଘରଜଣ୍ଣ	୪୨
୯। ପବନ ଓ ଗରିବ ବୁଢ଼ା	୪୭
୧୦। ମୟୂର ନାଚ	୫୩
୧୧। ଆଶ୍ଚର୍ଯ୍ୟ ବୃକ୍ଷ	୫୭
୧୨। ଆଶ୍ଚର୍ଯ୍ୟ ପକ୍ଷୀ	୬

Digitized by srujanika@gmail.com

ଚଢ଼େଇଙ୍କ ଭାଷା

ସମୁଦ୍ର କୂଳରେ ସହରଟିଏ ଥିଲା । ସେ ସହରରେ ଜଣେ ଧନୀ ବ୍ୟବସାୟୀ ରହୁଥିଲେ । ବ୍ୟବସାୟୀଙ୍କର ଦୁଇପୁଅ । ବଡ଼ପୁଅଟିର ନାଁ କପିଲ ଓ ସାନଟିର ନାଁ ଇମ୍ରାନ୍ । କପିଲ ବଡ ଦୁଷ୍ଟ ପିଲା । ଇମ୍ରାନ୍ ଅତି ସରଳ । ତଥାପି ବ୍ୟବସାୟୀ କପିଲଙ୍କୁ ଅତି ଭଲ ପାଉଥିଲେ ଓ ଇମ୍ରାନ୍‌କୁ ବୋକା ବୋଲି ମନେ କରୁଥିଲେ ।

ଦିନକର ବ୍ୟବସାୟୀ ଦୁଇପୁଅଙ୍କୁ ପାଖକୁ ଡାକି କହିଲେ "ସବୁବେଳେ ଘରେ ବସି ରହିଲେ ଚଳିବ ନାହିଁ । ତୁମେ ଦୁହେଁ କିଛି ଧନ ନେଇ ବିଦେଶ ଯାଅ । କିପରି ଭାବରେ ବାଣିଜ୍ୟ ବ୍ୟବସାୟ କରିବାକୁ ହୁଏ ସବୁ ଶିଖିଆସ" ।

ତାପରେ ସେ କପିଲକୁ ଦଶଟି ସୁନା ମୋହର ଦେଲେ । ଇମ୍ରାନ୍‌କୁ ବୋକାପିଲା ଭାବି ମାତ୍ର ଦୁଇଟି ସୁନା ମୋହର ଦେଇ ବିଦାକଲେ ।

ଦୁଇଭାଇ ନିଜ ସହର ଛାଡି ଅନ୍ୟ ସହରକୁ ଗଲେ । ବଡ଼ ଭାଇ କପିଲ ଯେଉଁ ସହରରେ ପହଞ୍ଚିଲା ସେଠି ଗୋଟିଏ ମେଳା ହେଉଥିଲା । ସେ ମେଳା ଦେଖିବାକୁ ଗଲା । ସେଠାରେ ସେ ଖୁବ୍ ଖର୍ଚ୍ଚ କଲା । ତାପରେ ଯେତେବେଳେ ସୁନା ମୋହରତକ ସରିଗଲା, ସେ ନିଜ ସହରକୁ ଫେରି ଆସିଲା । ସେହି ଭଳି ସାନଭାଇ ମଧ୍ୟ ଆଉ ଗୋଟିଏ ସହରରେ ଦିନେ ଦୁଇଦିନ ବୁଲିଲା । ସହର କିନ୍ତୁ ତାକୁ ଭଲ ଲାଗିଲା ନାହିଁ । ସେ ସହର ଛାଡ଼ି ବଣକୁ ପଳାଇ ଗଲା, ବଣରେ ରହିଲା ।

ଦିନେ ରାତିରେ ବଣ ଭିତରେ ଖୁବ୍ ଝଡ଼ ତୋଫାନ ହେଲା । ବଡ଼ ବଡ଼ ଗଛର ଡାଳମାନ କଡ଼ମଡ଼ ହୋଇ ଭାଙ୍ଗି ପଡ଼ିଲା । ଇମ୍ରାନ୍

Digitized by srujanika@gmail.com

ଦେଖିଲା ଗୋଟିଏ ଗଛରେ ଥିବା ଚଢ଼େଇ ବସାରୁ ଛୋଟ ଛୋଟ ଚଢ଼େଇ ଛୁଆମାନେ ତଳେ ଗଳିପଡ଼ି ଜଖମ୍ ହୋଇଯାଇଛନ୍ତି । ସେମାନେ ଚିଁ ଚିଁ ଶବ୍ଦ କରୁଛନ୍ତି ।

ଇଶ୍ୱନ୍ ଚଢ଼େଇ ଛୁଆ ଗୁଡ଼ିକୁ ତଳୁ ଗୋଟାଇ ଅଜଁପି ଦେଲା ଓ ସେମାନଙ୍କୁ ସେମାନଙ୍କ ବସାରେ ନେଇ ପୁଣି ରଖିଦେଲା ।

ତା ପରଦିନ ଯେତେବେଳେ ସକାଳେ ପବନ ବୋହିବା ବନ୍ଦ ହେଲା ମା ଆ ଚଢ଼େଇଟି ଆସି ବସା ପାଖରେ ପହଞ୍ଚିଲା । ଚଢ଼େଇ ଛୁଆ-ମାନେ ଚିଁ ଚିଁ ହୋଇ ତାକୁ କହିଲେ, ମାଆମ, ଏଇ ଯେଉଁ ଲୋକଟି ଜଙ୍ଗଲରେ ବୁଲୁଛି ସେ ଭାରି ଦୟାଳୁ । କାଲି ରାତିରେ ଝଡ଼ତୋଫାନ୍ ହେଲା ଆମେ ସବୁ ଗଛ ଉପରୁ ତଳେ ପଡ଼ି ଜଖମ ହୋଇଗଲୁଁ । ଲୋକଟି ଆମକୁ ଉଠାଇ ଅଜଁପି ଦେଲା । ଆମକୁ ବସା ଭିତରେ ରଖିଦେଲା । ସେ ଯଦି ନ'ଥାନ୍ତା କାଲି ରାତିରେ ଆମେ ସବୁ ମରି ଯାଇଥାନ୍ତୁ ।"

ଛୁଆମାନଙ୍କର କଥାଶୁଣି ମାଆ ଚଢ଼େଇ ଇଶ୍ୱନ ପ୍ରତି କୃତଜ୍ଞତା ପ୍ରକାଶ କଲା । ସେ ଉଡ଼ିଆସି ଇଶ୍ୱନ ପାଖରେ ପହଞ୍ଚି ମଣିଷ ସ୍ୱରରେ କହିଲା, "ବାପୁଟୋଇ ତୁମେ ବଡ଼ ଦୟାଳୁ । କାଲି ରାତିରେ ତୁମେ ଯଦି ମୋ ଛୁଆମାନଙ୍କୁ ଯତ୍ନରେ ବସା ଭିତରେ ରଖି ନ ଥା'ନ୍ତ ସେମାନେ ସବୁ ମରିଯାଇ ଥାନ୍ତେ । ମୁଁ କଣଦେଇ ତୁମକୁ ଉପକାର ଶୁଝିବି କୁହ ?"

ଇଶ୍ୱନ କହିଲା, "କେହିଯଦି ବିପଦରେ ପଡ଼େ ତାକୁ ରକ୍ଷା କରିବା ତ ମଣିଷର କର୍ତ୍ତବ୍ୟ । ମୁଁ ତ ମୋର କର୍ତ୍ତବ୍ୟ କରିଛି । ଏଥିପାଇଁ ତୁମଠୁଁ କାହିଁକି ଋଣ ମାଗିବି ।"

ମା' ଚଢ଼େଇଟି କିଛି କହୁ ମାଗିବାପାଇଁ ବାଧ୍ୟ କଲା । ଇଶ୍ୱନ କହିଲା, "ତୁମେ ଯଦି ମୋ ଉପରେ ଖୁସି ହୋଇଛ ତେବେ ଚଢ଼େଇ ମାନଙ୍କ ଭାଷା ମୋତେ ଶିଖାଇ ଦିଅ ।" ଇଶ୍ୱନ୍‌ର କଥା ଶୁଣି ମାଆ ଚଢ଼େଇ ବହୁତ ଖୁସି ହେଲା । ସେ ଦୁଇ ତିନିଦିନ ଭିତରେ ଇଶ୍ୱନ୍‌କୁ ଚଢ଼େଇ ମାନଙ୍କର ଭାଷା ଶିଖାଇ ଦେଲା ।

Digitized by srujanika@gmail.com

ଚଢେଇମାନଙ୍କ ଭାଷା ଶିଖିସାରି ଇଭାନ୍ ନିଜ ସହରକୁ ଫେରିଯାଇ ତା ବାପାଙ୍କ ସହିତ ଦେଖାକଲା ।

ଭସିଲକୁ ଦେଖି ପ୍ରଥମେ ବ୍ୟବସାୟୀ ପଚାରିଥିଲେ ପୁଅ, ତୋତେ ଯେଉଁ ଦଶଟି ସୁନା ମୋହର ଦେଇଥିଲି ସେସବୁକୁ କପରି ଖର୍ଚ୍ଚ କଲୁ ?

ଭସିଲ କହିଥିଲା, "ବାପା, ମୁଁ ସୁନାମୋହର ତକ ଏପରି ଗୋଟିଏ କାମରେ ଖର୍ଚ୍ଚ କରିଛି, ଯାହାର ଲାଭ ଭବିଷ୍ୟତରେ ଆମକୁ ମିଳିବ ।"

ଇଭାନ୍କୁ ପଚାରିବାରୁ ସେ ଦୁଇଟିଯାକ ସୁନା ମୋହର ବ୍ୟବସାୟୀଙ୍କୁ ଫେରାଇ ଦେଇ କହିଲା, "ବାପା, ମୁଁ ସୁନା ମୋହର ତକ ଖର୍ଚ୍ଚ ନକରି ବଳେଇ କରି ଆଣିଛି ଏବଂ ତା ପରିବର୍ତ୍ତେ ଜଙ୍ଗଲରେ ରହି ଚଢ଼େଇ ମାନଙ୍କ ଭାଷା ଶିଖିଛି ।"

ଇଭାନ୍ର କଥା ଶୁଣି ବ୍ୟବସାୟୀ ବିରକ୍ତ ହେଲେ । ସେ କହିଲେ, ମୁଁ ଜାଣିଥିଲି ତୁ ଏଣେତେଣେ ଅକାରଣରେ ବୁଲିବୁ ଓ ମୋ ପାଖକୁ ଆସି ମିଛ କହିବୁ । ଆରେ, ଚଢ଼େଇଙ୍କ ଭାଷା କ'ଣ କିଏ ବୁଝିପାରେ ? ତୁ କ'ଣ ମୋତେ ବୋକା ଦେଖିଲୁ ।"

ସେତିକବେଳେ ଘର ଅଗଣାର ତାର ଉପରେ କେତେକ ଚଢେଇ ବସି କିଚିରି ମିଚିରି ଶବ୍ଦ କରୁଥିଲେ । ବ୍ୟବସାୟୀ ଇଭାନ୍କୁ କହିଲେ, ଅଚ୍ଛା, ତୁ ଯଦି ଚଢ଼େଇଙ୍କ ଭାଷା ବୁଝିପାରୁଛୁ ତେବେ କହିଲୁ ଦେଖି ଏ ଚଢେଇମାନେ କ'ଣ କଥା ହେଉଛନ୍ତି ?"

ବ୍ୟବସାୟୀଙ୍କ [illegible] ଶୁଣି ଇଭାନ୍ ନ[illegible] [illegible] ଦେଲା । ସେ କହିଲା, "[illegible]ପା, ଚଢେଇମାନେ ଯେଉଁ ସବୁ କଥା [illegible] ସେସବୁ କଥା ମୁଁ କହି [illegible] ନାହିଁ ।"

ଇଭାନ୍ର କଥା [illegible]ଣି ବ୍ୟବସାୟୀ ବଡି [illegible] । ସେ [illegible] କାନ ମୋଡ଼ି ଦେଇ କହିଲେ, " ଆରେ ଜାଣିଛୁ ତ କହୁନାହୁଁ ।"

Digitized by srujanika@gmail.com

ଇଭାନ୍ ଥର ଥର ଗଳାରେ କହିଲା, "ଚଢେଇମାନେ କଥାବାର୍ତ୍ତା ହେଉଛନ୍ତି, ଯେଉଁମାନେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ନଦେଖି ମାତର ଅନ୍ତର କରନ୍ତି ସେମାନେ ବନେ ଉଦାଶ ହୋଇଯାନ୍ତି । ଯେଉଁମାନେ ସରଳ ଓ ସତ୍ ପ୍ରକୃତିର ସେମାନେ ଆନନ୍ଦରେ ବଞ୍ଚନ୍ତି ।"

ଇଭାନ୍‌ର କଥା ଶୁଣି ବ୍ୟବସାୟୀ ତାକୁ ଖୁବ୍ ମାଇଲେ । ସେ କହିଲେ, "ମୂର୍ଖ, ତୁ ନିଜକୁ ସରଳ ପ୍ରକୃତିର ବୋଲି ଭାବିଚୁ ହେଲେ ଆମକୁ ଅନ୍ୟାୟୀ ବୋଲି କହୁଛୁ ।"

ମାଡ଼ ଖାଇ ଇଭାନ୍ ବହୁତ କାନ୍ଦିଲା ।

ଆଉ ଦିନକର ଘଟଣା । ବ୍ୟବସାୟୀ ତାଙ୍କର ଦୁଇପୁଅଙ୍କୁ ଜଣେ ସୌଦାଗରଙ୍କ ପାଖକୁ ପଠାଇଲେ । ସେ ଚିଠି ଲେଖି ଜଣାଇ ଦେଲେ ଯେ, ବଡ଼ ପୁଅ ବସିଲି ସବୁ କାମ ପାଇଁ ପାରଙ୍ଗମ ଏବଂ ସାନପୁଅ ଇଭାନ୍ ବଡ଼ ଅଳସୁଆ । ତେଣୁ ବସିଲିକୁ କୌଣସି ବଡ଼ ଦାୟିତ୍ୱ ଦେଇ ଇଭାନ୍‌କୁ ବାସନ ମାଜିବା ତଥା ଘରଦ୍ୱାର ଓଳାଇବା ଆଦି ଛୋଟ କାମ ଦେଲେ ଚଳିବ ।

ସୌଦାଗରଙ୍କ ସହିତ ଦୁଇଭାଇ ଭେଟ ହୋଇ ବାପା ଦେଇଥିବା ଚିଠିଟିକୁ ବଢାଇଦେଲେ । ସୌଦାଗର ସେ ଦୁହିଁଙ୍କ ଭିତରୁ କିଏ ବାସ୍ତବରେ ଅଳସୁଆ ଜାଣିବାପାଇଁ ଦୁଇଜଣଙ୍କୁ କହିଲେ, ଇଭାନ୍ ଓ ବସିଲି, ବହୁ ଦୂରରେ ଯେଉଁ ପାହାଡ଼ଟି ଦେଖୁଛ ତାର ନାମ ସୁନା ପାହାଡ଼ । ତୁମେ କୋଡ଼ି ଓ ଟୋକେଇ ନେଇ ସେ ପାହାଡ଼ ଉପରକୁ ଯାଅ । ପାହାଡ ଉପରୁ ମାଟି ଖୋଳି ଗୋଟିଏ ଗୋଟିଏ ଟୋକେଇ ନେଇ ଆସିବ । ଯିଏ ପ୍ରଥମେ ଆସି ମୋ ପାଖରେ ପହଞ୍ଚିବ ମୁଁ ଜାଣିବି ଯେ ସେ ହିଁ ବଡ଼ କାମ କରିବାକୁ ଉପଯୁକ୍ତ ।

ସୌଦାଗରଙ୍କ କଥା ଶୁଣି ଦୁଇଭାଇ ଟୋକେଇ ଓ କୋଡ଼ି ନେଇ ପାହାଡ଼ ଉପରକୁ ଗଲେ । ପାହାଡ଼ ଉପରେ ଛୋଟ ଛୋଟ ଫାଙ୍କ ମାନଙ୍କରେ ଚଢେଇମାନେ କୁଟା କାଠି ଭର୍ତ୍ତି କରି ରହୁଥାନ୍ତି । ସେମାନଙ୍କୁ ଦେଖି ବସିଲି ମନରେ କୌତୁହଳ ଜାତ ହେଲା । ସେ କୋଡ଼ି ସାହାଯ୍ୟରେ

Digitized by srujanika@gmail.com

ସେମାନଙ୍କ ବସାଗୁଡ଼ିକ ଭାଙ୍ଗି ପକାଇଲା । ଗ୍ରେନ୍ଟ ଗ୍ରେନ୍ଟ ଚଢ଼େଇମାନେ ଆଘାତ ପାଇ ଚଁ ଚଁ ହୋଇ ତଳେ ପଡ଼ିଗଲେ । ସାନଭାଇ ଇଭାନ୍ ବସିଲକୁ କହିଲା, "ଭାଇ, ତୁ ଚଢ଼େଇମାନଙ୍କ ବସାକୁ ଭାଙ୍ଗନା । ସେମାନେ ବଡ଼ କଷ୍ଟ ପାଇବେ ।"

ଇଭାନ୍‌ର କଥାକୁ ବସିଲ ଖାତିର କଲାନାହିଁ । ଠିକ୍ ଏତିକିବେଳେ ମୁଣ୍ଡ ଉପରେ ଘୂରି ବୁଲୁଥିବା ଚଢ଼େଇମାନଙ୍କର ଚଁ ଚଁ ଶବ୍ଦ ଶୁଣି ଇଭାନ୍ କହିଲା, "ବସିଲ, ଶୁଣିପାରୁଛ, ଚଢ଼େଇମାନେ କ'ଣ କଥା ହେଉଛନ୍ତି ।"

"କ'ଣ ?" ବସିଲ ପଚାରିଲା ।

—ସେମାନେ କହୁଛନ୍ତି, ଯିଏ ସେମାନଙ୍କର ବସା ଗୁଡ଼ିକ ନଷ୍ଟ କରିବ, ତା ଉପରେ ବିପଦ ପଡ଼ିବ ।"

ଇଭାନ୍‌ର କଥା ଶୁଣି ବସିଲ ହସିଲା । ସେ କହିଲା, "ବୋକା ଦେଖୁଛି ତୋର ପିଲାଳିଆ ଢଙ୍ଗ କେବେ ଯିବ ନାହିଁ ।"

ସେ ଆହୁରି ଚଢ଼େଇମାନଙ୍କ ବସାସବୁକୁ ନଷ୍ଟ କରିବାରେ ଲାଗିଲା । ଠିକ୍ ଏତିକିବେଳେ ସତକୁ ସତ ବସିଲର ଗୋଡ଼ ଖସିଗଲା । ସେ ପାହାଡ଼ ଉପରୁ ଗଡ଼ି ହୋଇ ତଳେ ପଡ଼ିଗଲା । ଇଭାନ୍ ବସିଲର ବହୁତ ସେବା କଲା । ବସିଲ ଟିକିଏ ସୁସ୍ଥ ହେଲାପରେ ତାକୁ ଗୋଟିଏ ଗଛ ମୂଳେ ଶୁଆଇ ଦେଇ ସେ ପାହାଡ଼ ଉପରକୁ ଗଲା । ପାହାଡ଼ ଉପରେ ଗୋଟିଏ ଚୋକେଇ ମାଟି ଭର୍ତ୍ତି କରି ସେ ପୁଣି ବସିଲ ପାଖକୁ ଫେରି ଆସିଲା ।

ବସିଲ ସେତେବେଳେ ନିଦରୁ ଉଠିଥାଏ । ସେ ଇଭାନ୍‌କୁ କହିଲା, ଇଭାନ୍, ତୁ ଏବେ ଟିକିଏ ବିଶ୍ରାମ କର । ବହୁତ ଥକିପଡ଼ିଛୁ । ତୁ ଉଠିଲେ ଆମେ ପୁଣି ସୌଦାଗରଙ୍କ ପାଖକୁ ଫେରିଯିବା ।"

ବସିଲ କଥାରେ ଇଭାନ୍ ରାଜି ହେଲା । ସେ ଟିକିଏ ବିଶ୍ରାମ କରୁ କରୁ ନିଦଘୋର ନିଦରେ ଶୋଇ ପଡ଼ିଲା । ସେତେବେଳେ ବସିଲ ମାଟି

Digitized by srujanika@gmail.com

ଟୋକେଇଟା ମୁଣ୍ଡରେ ବୋହି ସୌଦାଗରଙ୍କ ପାଖରେ ପହଞ୍ଚିଲା । ସେ କହିଲା, "ଇଭାନ୍ ବଡ଼ ଅଳସୁଆ । ମାଟି ନ ଆଣି ବାଟରେ ସେ ଶୋଇ ପଡ଼ିଛି ।"

ବସିଲିର କଥାକୁ ସୌଦାଗର ବିଶ୍ୱାସ କଲେ ଓ ଇଭାନ୍ ଖାଲି ହାତରେ ଆସି ତାଙ୍କ ପାଖରେ ପହଞ୍ଚିଲା । ସେ ତା ଉପରେ ରାଗିଯାଇ କହିଲେ, "ତୋ ପାଇଁ ଏଠି କାମ ନାହିଁ । ତୁ ଘରକୁ ଫେରିଯା ।"

ଇଭାନ୍ ଆଉ କ'ଣ ବା କରନ୍ତା । ସେ ସୌଦାଗରଙ୍କ ପାଖରୁ ଫେରି ଆସି ଘରେ ପହଞ୍ଚିଲା । ଇଭାନ୍‌କୁ ଦେଖି ତା ବାପା ରାଗିଲେ । ସେ କହିଲେ, "ଅଳସୁଆ ତୁ କୌଣସି କାମକୁ ଯୋଗ୍ୟ ନୋହୁଁ । ଏଠୁ ପଳା ।"

ସେ ଇଭାନ୍‌କୁ ମାଡ଼ ଦେଇ ଘରୁ ତଡ଼ିଦେଲେ । ବିଚରା ଇଭାନ୍ ମନ ଦୁଃଖରେ ଆସି ସମୁଦ୍ର କୂଳରେ ପହଞ୍ଚିଲା । ସେତେବେଳେ ଜାହାଜଟିଏ ଦୂରଦେଶକୁ ଯାତ୍ରା କରିବା ପାଇଁ ପ୍ରସ୍ତୁତ ହୋଇ ରହିଥାଏ । ସେ ଜାହାଜର ମାଲିକଙ୍କୁ ବିନତି କରି କହିଲା, "ଦୟାକରି ଆପଣ ମୋତେ ଜାହାଜରେ ବାସନ ଧୋଇବା ତଥା ଝାଡ଼ୁ କରିବା କାମରେ ନିଯୁକ୍ତ କରିଦିଅନ୍ତୁ । ମୁଁ ବଡ଼ ଦୁଃଖରେ ଅଛି ।"

ଇଭାନ୍‌ର ଦୁଃଖ ଶୁଣି ଜାହାଜର ମାଲିକଙ୍କ ଦୟା ହେଲା । ସେ ତାକୁ ଜାହାଜରେ ନିଯୁକ୍ତ କରିଦେଲେ । ଇଭାନ୍ ଜାହାଜ ଭିତରକୁ ଯାଇ ବୁଲବୁଲି କଲା । ଏତିକବେଳେ ଜାହାଜ ଭିତରେ ସେ ତାର ବଡ଼ ଭାଇକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ବସିଲି ଅତି ଦାମିକା ପୋଷାକ ପିନ୍ଧିଥାଏ । ଜାହାଜରେ ତାକୁ ଗୋଟିଏ କାପ୍ତାନ କାମ ମିଳି ଯାଇଥାଏ । ବସିଲିକୁ ଇଭାନ୍ କହିଲା, ବସିଲି ତୁ ଏଠି କେଇଦିନ ଭିତରେ ଏତେବଡ଼ ଅଫିସର ହୋଇଯାଇଛୁ । ମୁଁ କିନ୍ତୁ ସେ ବନ ଜଙ୍ଗଲରୁ ଉଠି ସାରା ରାତି ତୋତେ ମନେ ପକାଇଲି । ତା ପରଦିନ ଯେତେବେଳେ ସୌଦାଗରଙ୍କ ପାଖକୁ ଗଲି ସେ ମୋତେ ତଡ଼ିଦେଲେ ।"

Digitized by srujanika@gmail.com

ବସିଲ କହିଲା, "ସମସ୍ତେ ନିଜ ନିଜ ଭାଗ୍ୟଫଳ ଭୋଗ କରନ୍ତି । ସୌଦାଗର ମୋ ଉପରେ ଭାରି ଖୁସି ହୋଇ ମୋତେ କାପ୍ତାନ୍ କରି ଦେଇଛନ୍ତି ।"

କିନ୍ତୁ ଜାହାଜ ସମ୍ବନ୍ଧରେ ତୁ ତ କିଛି ଜାଣିନାହୁଁ ।" ଇଭାନ୍ ର କଥା ସରିଛି କି ନାହିଁ ଜାହାଜର ମାଲିକ ଆସି ବସିଲକୁ ପଚାରିଲେ, "ଆଜି ପାଗ କିପରି ରହିବ ?"

ବସିଲ କହିଲା, "'ପାଗ ଭଲ ରହିବ' ଯାତ୍ରା ଆରମ୍ଭ କରିଦେବା ଭଲ ।" ବସିଲର କଥା ଶୁଣି ମାଲିକ ଜାହାଜ ଚଳାଇବା ପାଇଁ ଆଦେଶ ଦେଲେ । ଜାହାଜ କିଛି ବାଟ ଯାଇଛି କି ନାହିଁ ଆକାଶରେ ପକ୍ଷୀମାନଙ୍କୁ ଦେଖି ଇଭାନ ପାଟିକରି ଉଠିଲା, "ବସିଲ, ଜାହାଜ ଚଳାଇବା ପାଇଁ ଆଦେଶ ଦେ ନାହିଁ । ଜାଣିଛନା ଆକାଶରେ ଉଡୁଥିବା ପକ୍ଷୀମାନେ କହୁଛନ୍ତି କି ସମୁଦ୍ରରେ ଝଡ଼ ଉଠିବ ।

ଇଭାନର କଥା ଶୁଣି ବସିଲ ଗାଳି କଲା । ସେ କହିଲା, "ଚୁପରହ ତୁ କଣ ଜାଣିଛୁ ।"

ବିଚରା ଇଭାନ ଚୁପ୍ ହୋଇଗଲା । ନାବିକମାନେ ଜାହାଜ ଚଳାଇ ସମୁଦ୍ର ମଝିକୁ ନେଇ ଆସିଲେ । ସତକୁ ସତ ସମୁଦ୍ରରେ ଝଡ଼ ଉଠିଲା । ନାବିକ ମାନେ ବହୁ କଷ୍ଟରେ ଜାହାଜକୁ ରକ୍ଷାକଲେ । ପୂର୍ବରୁ ସମୁଦ୍ରରେ ଝଡ଼ ଉଠିବ ବୋଲି ମାଲିକ ଇଭାନର ମୁହଁରୁ ଶୁଣିଥିଲେ । ତେଣୁ ସେ ବସିଲକୁ କାପ୍ତାନ ପଦରୁ ହଟାଇ ଦେଇ ଜାହାଜରେ ତାକୁ ବାସନ ମାଜିବା କାମ ଦେଲେ ଓ ଇଭାନ୍ କୁ କାପ୍ତାନ୍ କରିଦେଲେ ।

ଇଭାନର ନିର୍ଦ୍ଦେଶ ଅନୁଯାୟୀ ଜାହାଜ-ଯାତ୍ରା ବଡ଼ ସୁଖକର ହେଲା । କିଛିଦିନ ପରେ ଜାହାଜ ଯାଇ ଆଉ ଗୋଟିଏ ଦେଶରେ ଲାଗିଲା । ମାଲିକ ଇଭାନ ଉପରେ ଖୁସିହୋଇ ତାକୁ କିଛି ଧନ ପୁରସ୍କାର ଦେଲେ ।

ଜାହାଜଟି ଯେଉଁ ଦେଶରେ ଲାଗିଲା ସେ ଦେଶର ରାଜା କିନ୍ତୁ ସେତେବେଳେ ଖୁବ ବେମାର ଥାନ୍ତି । ତାଙ୍କ ରାଜ୍ୟରେ ଡାକ୍ତର ମାନଙ୍କର

Digitized by srujanika@gmail.com

ଉତ୍ପାତ ବଢ଼ି ଚାଲିଥାଏ । ହଜାର ହଜାର କାଉ ଆସି ତାଙ୍କ ରାଜଉଆସ ଉପରେ ଘୂରି ବୁଲୁଥାନ୍ତି । ସେମାନଙ୍କ ରାବରେ ରାଜା ମୋଟେ ଶୋଇ ପାରୁ ନ ଥାନ୍ତି । ରାଜ କର୍ମଚାରୀ ମାନେ କାଉମାନଙ୍କୁ ତଡ଼ିବା ପାଇଁ ବହୁତ ଚେଷ୍ଟା କରୁଥାନ୍ତି କିନ୍ତୁ ସବୁ କିଛି ବୃଥା ହୋଇ ଯାଉଥାଏ । ରାଜା ଘୋଷଣା କରିଥାନ୍ତି ଯେ କେହି ରାଜ ଉଆସ ଉପରୁ ଯଦି କାଉମାନଙ୍କୁ ଉଡ଼ାଇ ଦେଇ ପାରିବ ସେ ତାକୁ ନିଜ ରାଜ୍ୟରୁ ଅଧା ଦେଇ ନିଜ ଝିଅ ସହିତ ବିବାହ କରାଇବେ ।

ରାଜାଙ୍କ ଘୋଷଣା ଶୁଣି କାଉମାନଙ୍କୁ ଉଡ଼ାଇ ଦେବାପାଇଁ ବସିଲିର ଭାରି ଇଚ୍ଛାହେଲା । ସେ ରାଜ୍ୟଟା ସାରା ଯେତେ ବଗଡ଼ ଥିଲେ ସମସ୍ତଙ୍କୁ ଧରି ଉଆସ ଉପରେ ଛାଡ଼ିଦେଲା । ବଗଡ଼ ମାନେ କାଉମାନଙ୍କୁ ଧରିବା ପାଇଁ ଝାମ୍ପ ମାରିଲେ । ଦେଖୁ ଦେଖୁ କାଉ ସଂଖ୍ୟା କମିବାକୁ ଲାଗିଲା । ରାଜା ବସିଲି ଉପରେ ବହୁତ ଖୁସି ହେଲେ । ରାଜା ଅଧା ରାଜ୍ୟ ଦେଇ ନିଜ ରାଜଜେମାକୁ ତା ସହିତ ବିବାହ ଦେବା ପାଇଁ ନିଶ୍ଚିତ କଲେ । କିନ୍ତୁ କିଛି ଦିନ ପରେ ଫଳ ପୂରା ପୂରି ଓଲଟା ହେଲା । କାହିଁଥିଲେ ଆହୁରି ହଜାର ହଜାର କାଉ ଏକାଠି ଆସି ରାଜ ଉଆସ ଉପରେ ଥିବା ବଗଡ଼ ମାନଙ୍କ ଉପରକୁ ଝାମ୍ପ ମାରିବାକୁ ବସିଲେ । ସେମାନଙ୍କ ଉତ୍ପାତରେ ରାଜା ପୂର୍ବ ଅପେକ୍ଷା ଆହୁରି ହଇରାଣ ହେଲେ । ସେ ରାଗିଯାଇ ବସିଲିକୁ ବନ୍ଦୀ କଲେ ଓ ଫାଶିଦେବା ପାଇଁ ନିଶ୍ଚିତ କଲେ ।

ଏହାର କିଛି ଦିନ ପରେ ଇଭାନ୍ ବି ରାଜ ଉଆସ ପାଖକୁ ଆସି କାଉମାନଙ୍କୁ ଲକ୍ଷ୍ୟ କଲା । ସେ କାଉମାନଙ୍କ କଥାବାର୍ତ୍ତା ଶୁଣି ସେମାନଙ୍କର ଅସୁବିଧା ଜାଣିପାରିଲା ଓ ସେଥିରୁ ଅସୁବିଧା ପୂରଣ କରିଦେଲା । କାଉମାନେ ଆଉ ରାଜ ଉଆସରେ ରହିଲେ ନାହିଁ । ରାଜା ଶାନ୍ତିରେ ନିଶ୍ୱାସ ମାରିଲେ । ସେ ଇଭାନ ଉପରେ ଖୁସି ହୋଇ ନିଜ ରାଜ୍ୟରୁ ଅଧେ ଦେଇ ଦେଲେ ଓ ବଡ଼ ଆଡ଼ମ୍ବର ସହକାରେ ତା ସହିତ ନିଜ ଝିଅକୁ ବିବାହ ଦେଲେ ।

Digitized by srujanika@gmail.com

ଭଗବାନ ରାଜା ହେଲା । ପ୍ରଜାମାନଙ୍କୁ ସେ ସୁଖରେ ପାଳିଲା ।

କିଛୁଦିନ ବିତିଯିବା ପରେ ନିଜ ଜନ୍ମ ମାଟିକୁ ଥରେ ବୁଲି ଆସିବା ପାଇଁ ଭଗବାନର ଖୁବ୍ ଇଚ୍ଛା ହେଲା । ସେ ସୈନ୍ୟଙ୍କୁ ସଙ୍ଗରେ ନେଇ ନିଜ ସହରରେ ପହଞ୍ଚିଲା । ସେତେବେଳେ ରାସ୍ତାରେ ଭିକାରୀଟିଏ ଗୀତ ଗାଉଥାଏ । ଭିକାରୀଟିର ଗୀତ ଆସି ଭଗବାନର କାନରେ ବାଜିଲା । ଗୀତଟିର ମର୍ମ ଥିଲା—

"ଚଟେଇଙ୍କ କଥା କେବେ କେବେ ସତ ହୁଏ,
ମୁଁ ତ ଭିକାରୀ ହୋଇଗଲି
କିନ୍ତୁ ମୋ ଭଗବାନ ରାଜା ହୋଇ ପାରିଲା ନାହିଁ ।"

ବୁଢ଼ାଟିର ଗୀତ ଶୁଣି ଭଗବାନ ଅଟକି ଗଲା । ବୁଢ଼ାଟିକୁ ସେ ଚିହ୍ନି ପାରିଲା, ସେ ତା ପାଦତଳେ ପଡ଼ି କହିଲା, "ବାପା, ଚଟେଇଙ୍କ କଥା ସବୁବେଳେ ସତ ହୁଏ । ମୁଁ ହେଉଛି ଆପଣଙ୍କ ଭଗବାନ, ଯିଏକି ରାଜା ହୋଇ ପାରିଛି ।"

ଭଗବାନର କଥାଶୁଣି ବାପା ତା'ର ବହୁତ ଖୁସି ହେଲା । ସେ ଭଗବାନକୁ କୁଣ୍ଢାଇ ପକାଇଲା । ଭଗବାନକୁ ଦେଖି ସେ ଏତେ ଖୁସି ହୋଇଗଲା ଯେ ସେ ତାର ସବୁ ଦୁଃଖ ଭୁଲିଗଲା ।

Digitized by srujanika@gmail.com

ଟେଲେସିକ୍

ଗୋଟିଏ ଗାଁରେ ବୁଢାଟିଏ ଓ ବୁଢୀଟିଏ ରହୁଥିଲେ । ସେମାନେ ଅଭାବ କ'ଣ ଜାଣି ନଥିଲେ । ତେବେ ବହୁତ ଧନ ସମ୍ପତ୍ତିର ମାଲିକ ହେବା ସତ୍ତ୍ୱେ ମଧ୍ୟ ସେମାନେ ବଡ଼ ଦୁଃଖରେ ଥିଲେ । କାରଣ ସେମାନଙ୍କର କୌଣସି ପୁଅ ଝିଅ ନ ଥିଲେ ।

ଦିନେ ବୁଢୀଟି ଦୁଃଖରେ ବୁଢ଼ାକୁ କହିଲା, "ଦେଖ ଆମର ତ ପୁଅ ଝିଅ ନାହାନ୍ତି । ଯାହାଙ୍କ ଘରେ ପୁଅ ଝିଅ ଥାଆନ୍ତି ସେମାନେ ଆନନ୍ଦରେ ପୁଅ ଝିଅ ମାନଙ୍କୁ ଖେଳାଇ ଥାଆନ୍ତି । ତେଣୁ ତୁମେ ଗୋଟିଏ କାମ କର ଜଙ୍ଗଲକୁ ଯାଇ କିଛି କାଠ ନେଇ ଆସ । କାଠରେ କଣ୍ଢେଇଟିଏ ତିଆରି କରିବା ଏବଂ ଦୋଳିଟିଏ ମଧ୍ୟ ତିଆରି କରିବା । ଉକ୍ତ ଦୋଳିଟିରେ କାଠତିଆରି କଣ୍ଢେଇଟିକୁ ଝୁଲାଇ ଆମେ ଖେଳାଇବା । ସନ୍ତାନହୀନ ହେଲେ ମଧ୍ୟ କେତେକାଂଶରେ ଆମେ ଦୁଃଖ ଭୁଲିଯିବା ।

ବୁଢୀ କଥା ଶୁଣି ବୁଢ଼ା ମୁରୁକି ମୁରୁକି ହସିଲା । ବୁଢୀ ମନରେ କୌଣସି ଦୁଃଖ ନଦେଇ ସେ ଜଙ୍ଗଲକୁ ଯାଇ କାଠ ନେଇ ଆସିଲା । ତହିଁରେ କଣ୍ଢେଇଟିଏ ତିଆରି କରି ତାକୁ ଦୋଳିରେ ଝୁଲାଇ ଦେଲା ।

କଣ୍ଢେଇଟି ଦେଖି ବୁଢୀ ବଡ଼ ଖୁସି ହେଲା । ସେ କଣ୍ଢେଇଟିର ନାଁ ଦେଲା ଟେଲେସିକ୍ । ତାକୁ ସେ ଦିନରାତି ଦୋଳିରେ ଝୁଲାଇ ଗୀତ ଗାଇଲା ।

କିଛିଦିନ ପରେ ଦିନକର ବୁଢୀ ସକାଳୁ ଉଠି ଦେଖିଲା ଯେ, ତା କଣ୍ଢେଇଟି ଜୀଉଁଟିଆ ଶିଶୁଟିଏ ହୋଇ କର୍ କର୍ ହୋଇ ହସୁଛି । ଶିଶୁଟିକୁ ଦେଖି ବୁଢୀର ମନ ଆନନ୍ଦରେ ପୂରି ଉଠିଲା । ସେ ତାକୁ କୋଳ କଲା, ଚୁମା ଦେଲା । ତା'ପରେ ପଡ଼ୋଶୀ ଲୋକମାନଙ୍କୁ ଡାକି ଆନନ୍ଦରେ

Digitized by srujanika@gmail.com

ଭୋଜ ଭାତ ଖୁଆଇଲ । କିଛି ଦିନପରେ ବୁଢ଼ା ବୁଢ଼ୀ ପୁଅଟିଏ ପାଇଥିବାରୁ ପଡ଼ିଶା ଲୋକମାନେ ମଧ୍ୟ ଖୁସି ହେଲେ ।

ଦିନକୁ ଦିନ ଶିଶୁଟି ବଢ଼ିବାକୁ ଲାଗିଲା । ବୟସ ବଢ଼ିବା ସଙ୍ଗେ ସଙ୍ଗେ ତା ଶରୀର ବି ଅତି ଉଜ୍ଜଳ ଉଜ୍ଜଳ ଦେଖାଗଲା ।

ଦିନେ ଟେଲେସିକ୍ ବୁଢ଼ାକୁ କହିଲା, "ବାପା, ମୋ ପାଇଁ ସୁନାର ଡଙ୍ଗାଟିଏ ଆଉ ରୁପାର ଆହୁଲାଟିଏ କରି ଦେଲ ନାହିଁ । ମୁଁ ଡଙ୍ଗାଟିରେ ବସି ସମୁଦ୍ରରେ ଖେଳିବି, କେତେଦିନ ମାଛଧରି ଆଣି ତୁମକୁ ଦେବି ।"

ଗୋଟିଏ ବୋଲି ପୁଅ । ବୁଢ଼ା ବୁଢ଼ୀଙ୍କର ଅଳିଅଳି ପୁଅ । ତେଣୁ ବୁଢ଼ା ତା କଥା ଅନୁଯାୟୀ ସୁନାର ଡଙ୍ଗାଟିଏ ଓ ରୁପାର ଆହୁଲାଟିଏ ତିଆରି କଲା । ଟେଲେସିକ୍ ସୁନାର ଡଙ୍ଗା ଓ ରୁପାର ଆହୁଲା ସାଙ୍ଗରେ ନେଇ ସମୁଦ୍ରକୁ ଗଲା । ବୁଢ଼ା ବୁଢ଼ୀ ତା ସାଙ୍ଗରେ କୂଳ ପର୍ଯ୍ୟନ୍ତ ଗଲେ । ଡଙ୍ଗା ବାହିବା ପୂର୍ବରୁ ବୁଢ଼ୀ କହିଲା, ଟେଲେସିକ୍ ସବୁବେଳେ ସତର୍କ ହୋଇ ରହିବୁ । କୌଣସି ସମୟରେ ଯଦି ମୋ ଡାକ ତୁ ଶୁଣିବୁ ତେବେ ସଙ୍ଗେ ସଙ୍ଗେ ଡଙ୍ଗା ନେଇ କୂଳକୁ ଧାଇଁ ଆସିବୁ । ଆଉ ଯଦି ଅନ୍ୟ କେହି ଡାକେ ତେବେ ସମୁଦ୍ର ଭିତରକୁ ଚାଲିଯିବୁ, ଆଉ ଆସିବୁ ନାହିଁ ।"

ବୁଢ଼ୀ କଥାରେ ଟେଲେସିକ୍ ରାଜି ହେଲା । ସେ ଡଙ୍ଗା ନେଇ ସମୁଦ୍ର ଭିତରକୁ ଗଲା । କେତେ ପ୍ରକାର ମାଛ ଧରିଲା ଓ ଗୀତ ଗାଇଲା ।

ଏହାର କିଛି ସମୟ ପରେ ଟେଲେସିକ୍ ତା ବୁଢ଼ୀ ମାଆର କଥା ଶୁଣିପାରିଲା, ବାପା ଟେଲେସିକ୍ ! ମୁଁ ତୋ ଖାଇବା ଜିନିଷ ସଙ୍ଗରେ ନେଇ କୂଳରେ ଅପେକ୍ଷା କରିଛି । ଡଙ୍ଗାଟିରେ ବସି ଶୀଘ୍ର ଧାଇଁଆ ।"

ବୁଢ଼ୀର ସ୍ୱର ବାରିପାରି ଟେଲେସିକ୍ ମାଛ ଧରିବା ବନ୍ଦ କଲା ଓ ସଙ୍ଗେ ସଙ୍ଗେ ସୁନା ଡଙ୍ଗାଟିରେ ବସି ଆହୁଲା ମାରି ମାରି କୂଳକୁ ଆସିଲା । କୂଳରେ ପହଞ୍ଚି ସେ ବୁଢ଼ୀ ଆଗରେ ସବୁତକ ମାଛ ଥୁଆଇ ଦେଲା । ମାଛତକ ଦେଖି ବୁଢ଼ୀର ମନ ଆନନ୍ଦରେ ପୂରି ଉଠିଲା । ସେ ପୁଅର

Digitized by srujanika@gmail.com

ଗାଲରେ ଚୁମ୍ବାଟିଏ ଦେଇ ଖାଇବା ଦନ୍ତଦେଖାଳ କରିଦେଲା । ଟେଲେସିକ୍ ସେ ସବୁକୁ ଖାଇ ଦେଇ ପୁଣି ତାର ସୁନା ଡଙ୍ଗାରେ ବସି ସମୁଦ୍ର ଭିତରକୁ ଚାଲିଗଲା ।

ଏ ସମସ୍ତ କଥା କୂଳ ନିକଟରେ ଥାଇ ଗୋଟିଏ ସାପ ଦେଖୁଥାଏ । ତେଣୁ ତାର ବି ମନ ହେଉଥାଏ କେମିତି ଟେଲେସିକ୍‌କୁ ଡାକି ଗିଳି ପକାନ୍ତା ।

ତା'ପରେ ଦିନକର ସାପଟି ମିଛିରେ ବୁଢ଼ୀ ଡାକିଲା ଭଳି କରି ପାଟିକରି ଡାକିଲା, "କାହିଁ ଟେଲେସିକ, ମୁଁ ତୋ ଖାଇବା ଦରକଚକ ସାଙ୍ଗରେ ନେଇ କୂଳରେ ଅପେକ୍ଷା କରୁଛି । ଡଙ୍ଗାରେ ବସି ଶିଘ୍ର ଧାଇଁଆ ।"

ସାପଟିର କଥା ଯାଇ ଟେଲେସିକର କାନରେ ବାଜିଲା । ସାପର କଥା କିନ୍ତୁ ତାକୁ ଟିକିଏ ଅଡ଼ୁଆ ଅଡ଼ୁଆ ଲାଗିଲା । ସେ ଜାଣିପାରିଲା ଯେ, ଏହା ତାର ବୁଢ଼ୀ ମାଆର ଡାକ ନୁହେଁ । ତେଣୁ ସେ ପାଟିକରି କହିଲା, "ଜଣାଗଲା, ଜଣାଗଲା, ଏହା ମୋର ବୁଢ଼ୀ ମାଆର ଡାକ ନୁହେଁ । ଅନ୍ୟ କେହି ଡାକୁଛି । ତେଣୁ ଯିବ ନାହିଁ ।"

ତା'ପରେ ଟେଲେସିକ୍ ତା ଡଙ୍ଗାଟି ବାହି ବାହି ମଝି ସମୁଦ୍ର ଭିତରକୁ ଚାଲିଗଲା ।

ଏଣେ ସାପଟି ନିରାଶ ହୋଇ ଫେରିଗଲା । କିନ୍ତୁ ଟେଲେସିକ୍‌କୁ ଖାଇବାର ଲୋଭ ସେ ସମ୍ଭାଳି ପାରିଲା ନାହିଁ । ତେଣୁ ସେ ବହୁତ ବେଳ ଯାଏ ଚିନ୍ତା କରି ଜଣେ କଣ୍ଠ ବଶାଇବଙ୍କ ପାଖରେ ପହଞ୍ଚିଲା ଓ କହିଲା, "ଆପଣ ମୋର କଣ୍ଠସ୍ୱରକୁ ଟେଲେସିକ୍‌ର ବୁଢ଼ୀ ମା'ର କଣ୍ଠ ସ୍ୱର ଭଳି କରି ଦିଅନ୍ତୁ । ଯେପରିକି ଅବିକଳ ମୁଁ ସେ ବୁଢ଼ୀ ଭଳି କହି ପାରିବ ।"

ସାପର କଥା ଶୁଣି କଣ୍ଠ ବଶାଇଦ ତା ବେକ ପାଖରେ ଧୂଳି ଟିକିଏ ପକାଇ ଦେଲେ । ଏଣିକି ସାପଟି ବୁଢ଼ୀ ଭଳି କହି ପାରିଲା । ସେ

Digitized by srujanika@gmail.com

ସମୁଦ୍ର କୂଳକୁ ଆସି ବୁଢ଼ୀ ଉଚ୍ଚ କଣ୍ଠ ସ୍ୱରରେ ଡ଼ାକିଲା, ବାପ ଟେଲେସିକ୍, ମୁଁ ତୋ ଖାଇବା ପାଇଁ ଭାତ ଆଣିଛି। ଆ, କୂଳକୁ ଶୀଘ୍ର ଧାଇଁଆ।"

ସାପର ଡ଼ାକ ଯାଇ ଟେଲେସିକ୍‌ର କାନରେ ବାଜିଲା । ତାକୁ ଜଣାଗଲା ଯେତେବେଳେ ତା ବୁଢ଼ୀ ମା ତାକୁ ଡ଼ାକୁଛି। ସେ ମାଛ ଧରିବା ବନ୍ଦ କରି ତା'ର ଡଙ୍ଗାରେ କୂଳକୁ ଧାଇଁ ଆସିଲା।

ତେଣେ କୂଳରେ ସାପଟି ଅନାଇଁ ରହିଥିଲା । ଯେମିତି ଟେଲେସିକ୍ କୂଳରେ ପହଞ୍ଚିଛି ସେ ସଙ୍ଗେ ସଙ୍ଗେ ତା ଉପରକୁ ଝାମ୍ପ ମାରିଲା ଓ ତାକୁ ଧରି ଧାଇଁ ପଳାଇଲା । ବହୁ ବାଟ ଗଲା ପରେ ସାପ ଯେତେବେଳେ ତା ଘରେ ପହଞ୍ଚିଲା ସେ ଦେଖିଲା ତା ଘର ଭିତରୁ କବାଟ ବନ୍ଦ ହୋଇଯାଇଛି । ତେଣୁ ସେ ପାଟିକରି ତାର ସ୍ତ୍ରୀର ନାଁ ଧରି ଡ଼ାକିଲା, "ଏଲ୍ୟୋନା, ଏଲ୍ୟୋନା, ଶୀଘ୍ର କବାଟ ଖୋଲ । ଦେଖ, ମୁଁ ସାଙ୍ଗରେ କ'ଣ ନେଇ ଆସିଛି ।"

ସାପର ସ୍ତ୍ରୀ ଏଲ୍ୟୋନା କବାଟ ଖୋଲି ଦେଖିଲା ସ୍ୱାମୀ ତାର ଅତି ସୁନ୍ଦର ଉଜ୍ଜ୍ୱଳ ଡାଉଲ୍ ପିଲାଟିଏ ନେଇ ଆସିଛି । ତେଣୁ ସେ ବହୁତ ଖୁସି ହେଲା ।

ସାପଟି କହିଲା, "ଏଲ୍ୟୋନା, ତୁମେ ଚୁଲି ଜଳାଇ ଟେଲେସିକ୍‌କୁ ସେକିଦେଇ କର । ମୁଁ ଯାଉଛି ମୋର ବନ୍ଧୁମାନଙ୍କୁ ନିମନ୍ତ୍ରଣ ଦେଇ ଆସିବି । ଆଜ ଆମର ସମସ୍ତ ବନ୍ଧୁବାନ୍ଧବମାନଙ୍କ ସହିତ ମିଶି ଏକାଠି ଖାଇବା ।"

ଏଲ୍ୟୋନା କହିଲା, "ଠିକ୍ ଅଛି ତୁମେ ଯାଅ । ମୁଁ ସେକିଦେଇ ଘରେ ସେକିଦେଇ ଖାଇବାର ବ୍ୟବସ୍ଥା କରୁଛି ।"

ଏହାପରେ ସାପଟି ତାର ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ ଦେବା ପାଇଁ ଚାଲିଗଲା, ଏଲ୍ୟୋନା ଚୁଲି ଜଳାଇ ଗୋଟିଏ ବଡ଼ ଡେକଚିଟିଏ ନେଇ ଆସି ଟେଲେସିକ୍‌କୁ କହିଲା, "ଟେଲେସିକ୍, ତୁ ଏବେ ଡେକଚି ଭିତରେ ବସିଲୁ ।"

Digitized by srujanika@gmail.com

ଟେଲେସିକ୍ କହିଲା, "ଡ଼େକଟ ଭିତରେ କିପରି ବସିବାକୁ ହୁଏ ତାହା ମୋତେ ଜଣା ନାହିଁ । ତେଣୁ ପ୍ରଥମେ ତୁ ଡ଼େକଟ ଭିତରେ ବସି ଦେଖାଇ ଦେ, ତା'ପରେ ମୁଁ ବସିବି ।"

ଏଲ୍ୟୋନା ଡ଼େକ୍‌ଟ ଭିତରେ ପଶିଗଲା । ଠିକ୍ ଏତିକିବେଳେ ଟେଲେସିକ୍ ଡ଼େକଟର ଢାଙ୍କୁଣୀଟିକୁ ନବ୍ଜ କରି ଦେଇ ସଙ୍ଗେ ସଙ୍ଗେ ତାକୁ ଚୂଲି ଉପରେ ବସାଇ ଦେଲା ଓ ଭିତରୁ କବାଟ ବନ୍ଦ କରି ଦେଇ ବାଡ଼ିପଟେ ଥିବା ଗୋଟିଏ ଡ଼ମ୍ବିର ଗଛ ଉପରକୁ ଚଢ଼ିଗଲା ।

କିଛି ସମୟ ପରେ ସାପଟି ତାର ବନ୍ଧୁମାନଙ୍କ ସହିତ ତା'ଘରେ ପହଞ୍ଚିଲା । ସେ ଦେଖିଲା ଘରର କବାଟ ଭିତର ପଟୁ ବନ୍ଦ ଅଛି । ତେଣୁ ସେ ପାଟିକରି ଡାକିଲା "ଏଲ୍ୟୋନା, ଏଲ୍ୟୋନା, କବାଟ ଖୋଲ ।"

ଭିତରୁ କୌଣସି ଉତ୍ତର ଆସିଲା ନାହିଁ । ସାପଟି ପୁଣି ପାଟିକରି ଡାକିଲା, "ଏଲ୍ୟୋନା, ଏଲ୍ୟୋନା ।"

ତଥାପି କେହି ଶୁଣିଲେ ନାହିଁ । ଏହାପରେ ସାପଟି ତାର ବନ୍ଧୁମାନଙ୍କ ସହିତ ଘରର କବାଟଟି ଭାଙ୍ଗି ଘର ଭିତରକୁ ପଶିଲେ । ସେମାନେ ଦେଖିଲେ ଯେ ଘରେ ଏଲ୍ୟୋନା ନାହିଁ । ଡ଼େକ୍‌ଟ ଚୂଲି ଉପରେ ବସିଛି ଓ ତରକାରୀର ଗନ୍ଧ ଭାସି ଆସୁଛି । ସେ ଆନନ୍ଦରେ ତା ବନ୍ଧୁମାନଙ୍କୁ ମୁହଁ ଧୋଇବା ପାଇଁ ପାଣି ଦେଲା ଓ ଡ଼େକ୍‌ଟଟି ଖୋଲି ଦେଖିଲା ମାଂସ ତଳ ସିଝାଇ ଯାଇଛି । ଜଣ ଜଣ କରି ସମସ୍ତଙ୍କୁ ତରକାରୀ ବାଣ୍ଟି ଶେଷରେ ସେ ନିଜେ ଖାଇବାକୁ ବସିଲା ।

ତରକାରୀ ଖୁବ ଭଲ ହୋଇଥିଲା । ତେଣୁ ସାପଟିର ବନ୍ଧୁମାନେ ସାପଟିର ଭୂରି ଭୂରି ପ୍ରଶଂସା କଲେ ।

ସମସ୍ତେ ଖାଇସାରିବା ପରେ କିନ୍ତୁ ଟେଲେସିକ୍‌ର ପାଟି ଶୁଣି ସମସ୍ତେ ଚମକି ପଡ଼ିଲେ । ଡ଼ମ୍ବିର ଗଛ ଉପରୁ ଥାଇ ଟେଲେସିକ୍ କହିଲା, ତରକାରୀ ଖୁବ ଭଲ ଲାଗୁଛି ନା ? କିନ୍ତୁ ଏହା ତ ଟେଲେସିକ୍‌ର ମାଂସ ନୁହେଁ । ତୁମେ ସବୁ ଏଲ୍ୟୋନାର ମାଂସ ଖାଇଛ ।"

Digitized by srujanika@gmail.com

"ଏଲୋୟାନାର ମାଂସ !' ଏମନ୍ତେ ଆଶ୍ଚର୍ଯ୍ୟ ହୋଇ ଡୁମ୍ବିଳି ଗଛ ଉପରକୁ ଚାହିଁ ଦେଖିଲେ ଟେଲେସିକ୍ ଗଛ ଉପରେ ବସିଛି । ଟେଲେସିକ୍‌କୁ ଦେଖି ସାପଟି ରାଗିଗଲା । ସେ ଦଙ୍ଗେ ହଙ୍ଗେ ଡୁମ୍ବିର ଗଛ ପାଖକୁ ଯାଇ ତା'ର ମୁନିଆଁ ଦାନ୍ତ ଗୁଡ଼ିକରେ ଗଛଟିକୁ କାଟିବାକୁ ଲାଗିଲା ।

ଗଛଟିର ମୂଳ କାଟିବା ଦେଖି ଟେଲେସିକ୍ ଚିନ୍ତାରେ ପଡ଼ିଗଲା । କିପରି ସେମାନଙ୍କ ହାବୁଡ଼ରୁ ଖସି ପଳାଇବ ଏ ପାଇଁ ମନେ ମନେ ବୁଦ୍ଧି ପାଞ୍ଚିଲା । ଠିକ୍ ଏତିକିବେଳେ ସେ ଦେଖିଲା ତା ନିକଟ ଦେଇ ହଂସ ଦଳଟିଏ ଉଡ଼ି ଯାଉଛନ୍ତି ।

ହଂସଦଳଟିକୁ ଦେଖି ଟେଲେସିକ୍ କହିଲା, "ନୀଳ ଆକାଶରେ ଉଡ଼ିଯାଉଥିବା ହେ ପ୍ରିୟ ହଂସମାନେ । ମୋ କଥାଟିକେ ଶୁଣ । ମୁଁ ବଡ଼ ବିପଦରେ ପଡ଼ିଯାଇଛି । ତେଣୁ ତୁମେ ମୋତେ ଏ ଗଛ ଉପରୁ ନେଇ ମୋ ଘରେ ଟିକିଏ ଛାଡ଼ିଦେଇ ଆସ ।"

ହଂସମାନଙ୍କ ଭିତରୁ ଗୋଟିଏ ହଂସ କହିଲା, "ହେ ବାଳକ ଆମେ ହେଉଛୁଁ ପ୍ରଥମ ଦଳର ଯାତ୍ରୀ । ଆମ ପଛରେ ଆଉ ଗୋଟିଏ ଦଳ ଆସୁଛନ୍ତି । ସେମାନେ ତୁମକୁ ନେଇ ଯିବେ ।"

ପ୍ରଥମ ଦଳର ହଂସମାନେ ଡେଣା ହଲାଇ ଆଗକୁ ଉଡ଼ିଗଲେ । ଟେଲେସିକ୍ ଦ୍ୱିତୀୟ ଦଳର ହଂସମାନଙ୍କୁ ଅପେକ୍ଷା କରି ରହିଲା । କିଛି ସମୟ ପରେ ଦ୍ୱିତୀୟ ଦଳର ହଂସମାନେ ଉଡ଼ି ଉଡ଼ି ସେ ବାଟଦେଇ ଗଲେ ।

ଟେଲେସିକ୍ ପାଟିକରି କହିଲା, "ହେ ପ୍ରିୟ ହଂସମାନେ । ମୁଁ ବଡ଼ ବିପଦରେ ପଡ଼ି ଯାଇଛି । ମୋତେ ଟିକିଏ ନେଇ ମୋ ଘରେ ଛାଡ଼ିଦେଇ ଆସ ।"

ସେମାନଙ୍କ ଭିତରୁ ଗୋଟିଏ ହଂସ କହିଲା, "ଆମେ ହେଉଛୁଁ ଦ୍ୱିତୀୟ ଦଳ । ତୃତୀୟ ଦଳରେ ଆସୁଥିବା ହଂସମାନେ ତୁମକୁ ନେଇ-ଯିବେ ।" ହଂସମାନେ ଉଡ଼ି ଉଡ଼ି ଆଗକୁ ଚାଲିଗଲେ । ଏହାପରେ

Digitized by srujanika@gmail.com

ଭୃଙ୍ଗସ୍ଥ ଦଳର ହଂସମାନେ ସେ ବାଟଦେଇ ଉଡ଼ି ଗଲା ବେଳେ ଟେଲେସିକ୍ ସେମାନଙ୍କୁ ନିଜର ଦୁଃଖ ଜଣାଇଲା ।

ଭୃଙ୍ଗସ୍ଥ ଦଳର ହଂସମାନେ କହିଲେ, "ଆମ୍ଭମାନଙ୍କ ଭିତରୁ ଗୋଟିଏ ମାତ୍ର ହଂସ ଏକାକି ଉଡ଼ି ଉଡ଼ି ପଛରେ ଆସୁଛି । ସେ ତୁମକୁ ନେଇଯିବ ।"

ହଂସ ଦଳ ଉଡ଼ି ଉଡ଼ି ଚାଲିଗଲେ । ଟେଲେସିକ୍ ଦେଖିଲା ତଳେ ସାପଟି ତାର ମୁନିଆଁ ଦାନ୍ତ ଗୁଡ଼ିକରେ ଗଛର ମୂଳ ବୁଦ୍ଧ ପୁଣି କାଟି ସାରିଲାଣି କହିବାକୁ ତଳେ । ଆଉ ଟିକିଏ ସମୟ ପରେ ବୁଏତ ଗଛଟି କଡ଼ ମଡ଼ ହୋଇ ଭାଙ୍ଗି ପଡ଼ିବ ଏବଂ ସାପଟି ପୁଣି ଡେଇଁ ତା ଉପରେ ପୂର୍ବର ତରକାଶ ଗିଳିବ । ସେ ବଡ଼ ଚିନ୍ତାରେ ପଡ଼ି ଭଗବାନଙ୍କୁ ଡାକିଲା । ଠିକ୍ ଏତିକି ବେଳେ ହଂସଟିଏ ଏକାକୀ ଉଡ଼ି ଉଡ଼ି ସେ ବାଟଦେଇ ଯାଉଥିଲା । ଟେଲେସିକ୍ ହଂସଟିକୁ କହିଲା, "ହେ ମୋର ପ୍ରିୟ ବନ୍ଧୁ ହଂସ । ମୁଁ ବଡ଼ ବିପଦରେ ପଡ଼ିଯାଇଛି । ଦୟାକରି ତୁମେ ମୋତେ ପିଠିରେ ବସାଇ ମୋ ଘରେ ନେଇ ଛାଡ଼ିଦିଅ ।"

ହଂସଟି କହିଲା, "ମୋ ପିଠିରେ ଡେଇଁ ପଡ଼ ।" ଟେଲେସିକ୍ ସଙ୍ଗେ ସଙ୍ଗେ ଗଛ ଉପରୁ ହଂସର ପିଠି ଉପରକୁ ଡେଇଁ ପଡ଼ିଲା । ଠିକ୍ ଏତିକିବେଳେ ଗଛଟି ମଧ୍ୟ କଡ଼ ମଡ଼ ହୋଇ ଭାଙ୍ଗି ତଳେ ପଡ଼ିଗଲା । ଟେଲେସିକ୍ କୁ ହଂସ ପିଠିରେ ବସି ଉଡ଼ି ଉଡ଼ି ଆକାଶ ମଧ୍ୟରେ ଉଡ଼ିଗଲା । ସାପଟି ତାକୁ କିଛି ନ ପାଇ ଗୋଡ଼ାଇ ଶେଷରେ ନିରାଶ ହୋଇ ଫେରି ଆସିଲା ।

କେତେ ପାହାଡ଼ ପର୍ବତ ନଦୀନାଳ ଉପରେ ଉଡ଼ି ଉଡ଼ି ଶେଷରେ ହଂସଟି ଟେଲେସିକ୍ ର ଘର ପାଖରେ ଯାଇ ତଳକୁ ଖସିଲା । ଟେଲେସିକ୍ ହଂସ ପିଠିରୁ ଓହ୍ଲାଇ ପଡ଼ି ତା' ଘରର ଝରକାରେ ମୁହଁ ଦେଇ ଦେଖିଲା, ତା ବୁଢ଼ୀ ମାଁ ପିଠା କରୁଛି ଏବଂ ତା ବୁଢ଼ାବାପା ଥାଳରେ ପିଠାଟିଏ ପକାଇ କହୁଛି, ଦୁଇଟି ପିଠାରୁ ତୁମର ଗୋଟିଏ ଆଉ ମୋର ଗୋଟିଏ ।

Digitized by srujanika@gmail.com

ସେତେବେଳେ ଟେଲେସିକ୍ ପାଟିକରି କହି ଉଠିଲା, "ଆଉ ମୋର ?" ବୁଢ଼ା ବୁଢ଼ୀ ଅନାଇଁଲେ । ଦୁହେଁଯାକ ଦେଖିଲେ ସେମାନଙ୍କର ଅଳିଅଳ ପୁଅ ଟେଲେସିକ୍ ସେମାନଙ୍କ ପାଖରେ ପହଞ୍ଚି ଯାଇଛି । ବୁଢ଼ା ବୁଢ଼ୀ ଟେଲେସିକ୍‌କୁ କୁଣ୍ଢାଇ ପକାଇଲେ । ବୁଢ଼ୀ ଦେଖିଲା ଗୋଟେ ସୁନ୍ଦର ହଂସଟିଏ ସେମାନଙ୍କର ଘର ଅଗଣାରେ ବସିଛି । ବୁଢ଼ା ଚାହିଁକରି କହିଲା, "ଯାହାହେଉ ଆଜି ଭଲ ତରକାରିଟିଏ ହେବ ।"

ଟେଲେସିକ୍ କହିଲା, "ନାହିଁ ବାପା, ଏ ହଂସଟି ଯଦି ମୋତେ ପିଠିରେ ବସାଇ ଏଠିକି ଆଣି ନ ଥାନ୍ତା । ତେବେ ତୁମେ ଆଜି ମୋତେ ଦେଖିବାକୁ ପାଇ ପାରି ନ ଥାନ୍ତ । ହଂସଟିକୁ ଖୁସିରେ ଖୁଆଇ ପିଆଇ ବିଦା କରିବା ଉଚିତ୍ ।"

ବୁଢ଼ା ବୁଢ଼ୀ ଭଲ ଭଲ ଖାଇବା ଦରବ ଆଣି ହଂସଟିକୁ ଖାଇବାକୁ ଦେଲେ । ଟେଲେସିକ୍ ତା ଗଳାରୁ ମୂଲ୍ୟବାନ ହାରଟିଏ କାଢ଼ି ହଂସଟିର ବେକରେ ପିନ୍ଧାଇ ଦେଲା । ହଂସଟି ଧୀରେ ଧୀରେ ଡେଣା ହଲାଇ ଆକାଶ ଉପରକୁ ଉଠିଲା । କିଛି ସମୟ ପରେ ନୀଳ ଆକାଶର ବାଦଲ ଭିତରେ ଲୁଚିଗଲା ।

ଟେଲେସିକ୍ ଏଣିକି ବାପା ମାଆଙ୍କ ସହିତ ଖୁସି ଗପ କରି ସମୟ କଟାଇଲା ।

Digitized by srujanika@gmail.com

କେଉଟ ବୁଢ଼ା ଓ ସୁନେଲି ମାଛ

ଅନେକ ବର୍ଷ ତଳର କଥା । ସମୁଦ୍ର କୂଳରେ ଗୋଟିଏ ଛୋଟିଆ ଗାଁ । ତା ଉପରେ କେଉଟ ବୁଢ଼ାଟିଏ ରହୁଥିଲା । ବୁଢ଼ା'ର ଘର ଝାଟି ମାଟିରେ ତିଆରି । ବୁଢ଼ୀଟି ଛଡ଼ା ବୁଢ଼ାର ଆଉ କେହି ନ ଥିଲେ । ବୁଢ଼ା ଅତି ସରଳ ଓ ପରିଶ୍ରମୀ । ନିତିଦିନ ସେ ତା'ର ଡଙ୍ଗାଟି ନେଇ ସମୁଦ୍ର ଭିତରକୁ ଯାଏ, ମାଛ ଧରେ । ମାଛ ବିକି ଯେତିକି ରୋଜଗାର କରେ ସେଥିରେ ବୁଢ଼ା ଓ ବୁଢ଼ୀ ଜୀବନ ଚଳନ୍ତି ।

ବୁଢ଼ା ଅପେକ୍ଷା ବୁଢ଼ୀର ପ୍ରକୃତି ଭିନ୍ନ । ସେ ଲୋଭୀ ଓ ସନ୍ଦେହୀ-ମନା । ବୁଢ଼ାକୁ ସେ ଭଲ ପାଏ ନାହିଁ । ସେ ମନେ ମନେ ଭାବେ ଯେ ବୁଢ଼ାଟା ଭାରି ଅଳସୁଆ । ତା ନହେଲେ ଦିନସାରା ସମୁଦ୍ର ଭିତରେ କଟାଇ ସେ ଅଳ୍ପ ରୋଜଗାର କରୁନଥାନ୍ତା । ନିଶ୍ଚୟ ସମୁଦ୍ର ଭିତରେ ବଂଶୀ ବଜାଇ ମଜାରେ ଦିନ କଟାଉଥିବ । ତେଣୁ ବୁଢ଼ା ଯେତେବେଳେ ମାଛତକ ବିକି ଅଳ୍ପ ପଇସା ନେଇ ଘରକୁ ଫେରେ, ବୁଢ଼ୀ ତା' ଉପରେ ବିରକ୍ତ ହୁଏ ।

ଦିନେ ବୁଢ଼ା ତାର ଠିକ ନାଆଟି ନେଇ ସମୁଦ୍ର ଭିତରେ ବହୁ ଦୂରକୁ ଚାଲିଗଲା । ସେଠି ଜାଲ ପକାଇଲା । ଗୋଟିଏ ହେଲେ ମାଛ ପଡ଼ିଲେ ନାହିଁ । ଦେଖୁଁ ଦେଖୁଁ ସନ୍ଧ୍ୟା ହେଲା । ବୁଢ଼ା ମନ ଦୁଃଖରେ ଖାଲି ହାତରେ ଘରକୁ ଫେରିଲେ । ସେ ଆଜି ନିଶ୍ଚୟ ଭୋକରେ ରହିବ ତାଛଡ଼ା ବୁଢ଼ୀଠାରୁ ବି ଗାଳି ଶୁଣିବ । ତେଣୁ ସେ ଭଗବାନଙ୍କୁ ପ୍ରାର୍ଥନା କରି ତା'ର ଜାଲଟିକୁ ଶେଷଥର ପାଇଁ ସମୁଦରେ ପକାଇଲା । ଜାଲଟିକୁ ଯେତେବେଳେ ସେ ଟାଣିଲା, ଦେଖିଲା, ଅତି ଛୋଟିଆ ସୁନେଲି ରଙ୍ଗର ମାଛଟିଏ ଜାଲରେ ପଡ଼ି ଛଟପଟ ହେଉଛି । ମାଛଟିକୁ ଦେଖି ତା ମନରେ ଦୟା ହେଲା । ତେବେ ଖାଲି ହାତରେ ଫେରିଲେ ସେ ବୁଢ଼ୀ

Digitized by srujanika@gmail.com

ପାଖରୁ ଗାଳି ଶୁଣିବ । ସେ ମାଛଟିକୁ ତାର ମୁଣି ଭିତରେ ପୁରାଇବାକୁ ବସିଲା ଠିକ୍ ଏତିକିବେଳେ ମାଛଟି ମଣିଷମାନଙ୍କ ଭଳି କହିଲା, "ହେ ଦୟାଳୁ ବୁଢା । ମୁଁ ସାମାନ୍ୟ ମାଛ ନୁହେଁ । ମୁଁ ହେଉଛି ସମୁଦ୍ର କନ୍ୟା । ମୋତେ ତୁମେ ଛାଡ଼ିଦିଅ । ତୁମେ ମୋତେ ଯେତେବେଳେ ଯାହା ମାଗିବ ମୁଁ ତୁମର ଇଚ୍ଛା ପୂରଣ କରିବି ।

ସମୁଦ୍ର କନ୍ୟାର କଥା ଶୁଣି ବୁଢା ମନରେ ଦୟା ଆସିଲା । ସେ ଛୋଟିଆ ମାଛଟିକୁ ହାତରେ ଧରି ପୁଣି ସମୁଦ୍ର ପାଣିରେ ଛାଡ଼ିଦେଲା । ମାଛଟି ପାଣିରେ ପହଁରି ସମୁଦ୍ର ଭିତରେ ଲୁଚିଗଲା ।

ବୁଢା ଏଥର ତାର ଟିକି ଡଙ୍ଗାଟିକୁ ସାଙ୍ଗରେ ନେଇ ଘରକୁ ଗଲା । ସେତେବେଳେ ସନ୍ଧ୍ୟା ହୋଇଯାଇଥିଲା ବୁଢା ଯେତେବେଳେ ଖାଲି ହାତରେ ଘରକୁ ଫେରିଲା ବୁଢୀ ତା ଉପରେ ଖୁବ୍ ବିରକ୍ତ ହେଲା । ବୁଢା ସମୁଦ୍ର କନ୍ୟାକୁ କିପରି ଧରିଥିଲା ଓ ପୁଣି ତାକୁ କିପରି ଛାଡ଼ିଦେଲା ଏ ଏ ସମସ୍ତ କଥା ଗୋଟି ଗୋଟି କରି ବୁଢୀ ଆଗରେ କହିଲା । ବୁଢା କଥା ଶୁଣି ବୁଢୀ ଥଟ୍ଟାରେ କହିଲା, "ଛୋଟିଆ ମାଛ ପୁଣି କେବେ କଥା କହିଲାଣି ? ଏସବୁ ଅଳସୁଆମାନଙ୍କର ମନଗଢା କଥା ନୁହେଁତ ଆଉ କଣ ?"

ବୁଢୀ ବୁଢାକୁ ପୁଣି କହିଲା, "ଯଦି ଏ କଥା ସତ ତେବେ ଯାଅ, ସମୁଦ୍ର କନ୍ୟାକୁ କହିବ ଯେ, ଆମେ ଝାଟି ମାଟିର ଭଙ୍ଗା କୁଡ଼ିଆରେ ରହୁଛୁଁ । ବର୍ଷାଦିନ ଆସିଲେ ବଡ଼ ହଇରାଣ ହେଉଛୁ । ଏ କୁଡ଼ିଆଟିକୁ ସେ ଗୋଟିଏ କୋଠାଘରରେ ପରିଣତ କରିଦେଉ ।'

ବୁଢୀ କଥାରେ ବୁଢା ରାଜି ହେଲା । ତା ଆରଦିନ ଯେତେ-ବେଳେ ସକାଳ ହେଲା ବୁଢା ପୁଣି ତାର ଟିକି ଡଙ୍ଗାଟିରେ ବସି ସମୁଦ୍ର ଭିତରକୁ ଗଲା । ସେଠାରେ ସେ ଡାକ ପକାଇଲା, "ହେ ସୁନେଲି ରଙ୍ଗର ସମୁଦ୍ର କନ୍ୟା ମୋ କଥା ଟିକେ ଶୁଣ । ମୋତେ ଟିକିଏ ଦେଖାଦିଅ ।

Digitized by srujanika@gmail.com

ବୁଢ଼ାର କଥା ସରିଛି କି ନାହିଁ, ସମୁଦ୍ର ପାଣି ଉପରକୁ ସେହି ଗୋଟିଏ ସୁନେଲି ରଙ୍ଗର ମାଛଟି ଉଠିଆସି କହିଲା, "କଣ ବାପା, କାହିଁକି ମୋତେ ଡାକିଲ ?"

ବୁଢ଼ା କହିଲା, ସମୁଦ୍ର କନ୍ୟା, ଆମେ ବଡ଼ ଗରିବ ଲୋକ । ଦାଣ୍ଡ ଉପରେ ଆମର ଯେଉଁ ଛୋଟି ମାଟିର କୁଡ଼ିଆଟି ଅଛି ବର୍ଷାଦିନ ବେଳେ ସେଇଠି ପାଣି ଗଳେ । ବଡ଼ କଷ୍ଟରେ ରହୁଁ । ସେ ଛୋଟି ମାଟିର କୁଡ଼ିଆ ଘରଟିକୁ କୋଠାଘରେ ପରିଣତ କରିଦିଅନ୍ତୁ ।

ସୁନେଲି ମାଛ କହିଲା, "ଯାଅ ବାପା, ତୁମ କଥା ଅନୁଯାୟୀ ମୁଁ ତୁମ କୁଡ଼ିଆଟିକୁ କୋଠାରେ ପରିଣତ କରିଦେଇଛି । ସେଠି ତୁମେ ସୁଖରେ ରହିବ ।"

ଏହାପରେ ସୁନେଲି ମାଛ ପାଣି ଭିତରେ ବୁଡ଼ିଗଲା । ବୁଢ଼ା ନିଜ ଘରକୁ ଫେରିଆସି ଦେଖିଲା ତାର କୁଡ଼ିଆଟି ଅତି ସୁନ୍ଦର କୋଠା-ଘରରେ ପରିଣତ ହୋଇଯାଇଛି ।

କୋଠା ଭିତରେ ବୁଢ଼ା ବୁଢ଼ୀ ବଡ଼ ଆନନ୍ଦରେ ରହିଲେ । "ବୁଢ଼ୀର କ୍ରମେ ଲୋଭ ବଢ଼ିଲା । ସେ ପୁଣି ଦିନେ ବୁଢ଼ାକୁ କହିଲା, ସାମାନ୍ୟ କୋଠାଟି ଭିତରେ ରହିଲେ କଣ ସୁଖ ମିଳିବ ? ତୁମେ ପୁଣି ସୁନେଲି ମାଛ ପାଖକୁ ଯାଇ କୁହ ଯେ ଆମ କୋଠାଘରଟିକୁ ଗୋଟିଏ ରାଜପ୍ରାସାଦରେ ପରିଣତ କରିଦେବ । ଦାସ ଦାସୀ ନୌକର ବିଷୟରେ ଯେପରି ଆମର ଅଭାବ ନ ରହୁ ।"

ବୁଢ଼ୀର କଥା ଶୁଣି ବୁଢ଼ା ତାର ଟିକି ଡଙ୍ଗାଟିରେ ବସି ସମୁଦ୍ର ଭିତରକୁ ଗଲା । ସେ କହିଲା, "ହେ ସମୁଦ୍ର କନ୍ୟା, ମୋତେ ଟିକେ ଦେଖାଦିଅ ।"

ବୁଢ଼ାକଥା ଶୁଣି ସୁନେଲି ମାଛଟି ଉପରକୁ ଆସି କହିଲା । "ପୁଣି ତୁମେ କଣ ଇଚ୍ଛା କରୁଛ ?"

Digitized by srujanika@gmail.com

ବୁଢ଼ା କହିଲା, "ସମୁଦ୍ର କନ୍ୟା, ସାମାନ୍ୟ କୋଠା ଘରଟିରେ ରହିବା ପାଇଁ ବୁଢ଼ୀର ମନ ବଳୁ ନାହିଁ । ସେ ଗୋଟିଏ ଜମିଦାରେ ରହିବା ପାଇଁ ଇଚ୍ଛା କରୁଛି । ଯେଉଁଠି କ ଦାସଦାସୀ ଅଭ କୌଣସି ବିଷୟରେ ଅଭାବ ନଥିବ ।"

ସୁନେଲି ମାଛ କହିଲା, "ଯାଅ ବୁଢ଼ା ତୁମ ବୁଢ଼ୀର ଇଚ୍ଛା ମୁଁ ପୂରଣ କରି ଦେଉଛି ।"

ସୁନେଲି ମାଛଟି ପୁଣି ଥରେ ସମୁଦ୍ର ଭିତରେ ବୁଡ଼ିଗଲା । ବୁଢ଼ା ତା ଡଙ୍ଗାଟିରେ ବସି କୂଳକୁ ଫେରିଆସି ଦେଖିଲାଯେ ପାହାଡ଼ ଉପରେ ଅତି ସୁନ୍ଦର ପ୍ରାସାଦଟିଏ ତିଆରି ହୋଇଯାଇଛି । ସେ ପ୍ରାସାଦ ଭିତରକୁ ଯାଇ ଦେଖିଲା ବୁଢ଼ୀ ଅନ୍ୟାନ୍ୟ ବୁଢ଼ୀମାନଙ୍କ ସହିତ ବସି ଖୁସି ଗପ କରୁଛି । ଦାସଦାସୀମାନେ ବୁଢ଼ୀର ସେବା କରୁଛନ୍ତି ।"

ଏଣିକି ବୁଢ଼ା ପ୍ରତି ବୁଢ଼ୀ ଆଉ ଭଲ ବ୍ୟବହାର ଦେଖାଇଲାନାହିଁ । ଧନ ଦଉଲତର ଗର୍ବ ତାକୁ ଅନ୍ଧ କରିଦେଲା । ଦିନକୁ ଦିନ ତା'ର ଆଶା ଆହୁରି ବଢିବାକୁ ଲାଗିଲା ।

ଦିନକର ବୁଢ଼ୀ ସହରକୁ ବୁଲି ଯାଇଥିଲା । ସେହି ସମୟରେ ସେ ରାଜ୍ୟର ରାଣୀ ହାତୀରେ ବସି ସହର ବୁଲୁଥାନ୍ତି । ଲୋକମାନେ ବାଜା ବଜାଇ, ଫୁଲମାଳ ପିନ୍ଧାଇ ରାଣୀଙ୍କୁ ସ୍ୱାଗତ ଜଣାଉଥାନ୍ତି । ଏସବୁ ଦେଖି ବୁଢ଼ୀର ମଧ୍ୟ ରାଣୀ ହେବା ପାଇଁ ଭାରି ଇଚ୍ଛା ହେଲା । ସେ ଘରକୁ ଆସି ବୁଢ଼ାକୁ କହିଲା ବୁଢ଼ା ତୁମେ ଏଥର ତୁମର ସୁନେଲି ମାଛ ପାଖକୁ ଯାଇ କହ, ସେ ମୋତେ ରାଣୀ କରିଦେଉ ।"

ବୁଢ଼ୀର କଥା ଶୁଣି ବୁଢ଼ା ଆଉ ସୁନେଲି ମାଛ ପାଖକୁ ଯିବା-ପାଇଁ ମଙ୍ଗିଲା ନାହିଁ । ତେବେ ବୁଢ଼ୀ ତା ଉପରେ ବିରକ୍ତ ହୋଇଉଠିଲା । ସେତେବେଳେ ବୁଢ଼ା ବାଧ୍ୟ ହୋଇ ତା ଠିକ ଡଙ୍ଗାଟି ଧରି ପୁଣି ସମୁଦ୍ର ଭିତରେ ସୁନେଲି ମାଛକୁ ଡ଼ାକ ପକାଇଲା । ସୁନେଲି ମାଛଟି ପାଣି ଉପରକୁ ଆସି କହିଲା, "କଣ ବାପା, ପୁଣି କେଉଁଥି ପାଇଁ ଆସିଛ ?"

Digitized by srujanika@gmail.com

ବୁଢ଼ା କହିଲା, "ରାଣୀ ହୋଇ ରାଜ୍ୟ ଶାସନ କରିବାପାଇଁ ବୁଢ଼ୀ ମନ ବଳାଉଛି । ତୁମେ ତାକୁ ରାଣୀ କରିଦିଅ ।"

ସୁନେଲି ମାଛ କହିଲା, "ଘରକୁ ଯାଅ ବୁଢ଼ା । ବୁଢ଼ୀ ତୁମର ରାଣୀ ହୋଇ ରାଜ୍ୟ ଶାସନ କରିବ ।"

ବୁଢ଼ା ଘରକୁ ଫେରି ଦେଖିଲା ତା ଉଆସଟି ଗୋଟିଏ ରାଜ-ଦରବାର ହୋଇଯାଇଛି । ସିଂହାସନ ଉପରେ ବୁଢ଼ୀ ବସି ମନ୍ତ୍ରୀ ପରିଷଦଙ୍କ ସହିତ ପରାମର୍ଶ କରୁଛି ।"

ବୁଢ଼ାକୁ ଦେଖି ବୁଢ଼ୀ କିନ୍ତୁ ଏଥର ଖୁସି ହୋଇ ପାରିଲାନାହିଁ । ସାମାନ୍ୟ ବୁଢ଼ାଟି ପ୍ରତି ତା ମନରେ ଘୃଣା ଭାବ ଜାତ ହେଲା । ସେ ସଙ୍ଗେ ସଙ୍ଗେ ବୁଢ଼ାକୁ ବନ୍ଦୀ କରି କାରାଗାରରେ ରଖିଦେବା ପାଇଁ ଆଦେଶ ଦେଲା ।

ବୁଢ଼ୀର ଆଦେଶରେ ବୁଢ଼ାକୁ କାରାଗାରକୁ ପଠାଇ ଦିଆଗଲା । କିଛିଦିନ ପରେ ବୁଢ଼ୀ ପୁଣିଥରେ ବୁଢ଼ାକୁ ଡାକି କହିଲା, "ବୁଢ଼ା, ଏଥର ତୁମେ ସୁନେଲି ମାଛ ପାଖକୁ ଯାଇ କୁହ ଯେ ସେ ମୋତେ ସମୁଦ୍ର ରାଣୀ କରିଦେଉ ଓ ନିଜେ ସମୁଦ୍ର କନ୍ୟା ମୋର ଦାସୀ ହୋଇ ସେବା କରୁ ।

ବୁଢ଼ୀର କଥା ଶୁଣି ବୁଢ଼ା ମଙ୍ଗିଲା ନାହିଁ । ତା ମନଟା ଦୁଃଖରେ ପୂରିଗଲା । ତେବେ ବୁଢ଼ୀ ଯେ ରାଣୀ ହୋଇଛି, ତା ଆଦେଶ ନ ମାନିଲେ ମୃତ୍ୟୁଦଣ୍ଡ ସୁନିଶ୍ଚିତ । ସେ ବାଧ୍ୟ ହୋଇ ତା'ର ଟିକି ଡଙ୍ଗାଟିକୁ ଧରି ସମୁଦ୍ର ଉତରକୁ ଗଲା ଓ ସେ ସୁନେଲି ମାଛକୁ ଡାକିଲା ।

ବୁଢ଼ାର ଡାକ ଶୁଣି ସୁନେଲି ମାଛଟି କହିଲା, "ବୁଢ଼ା, ପୁଣି କଣ ଅସୁବିଧା ଜଣାଇବା ପାଇଁ ଆସିଲ ?"

ବୁଢ଼ା କହିଲା, "ସମୁଦ୍ର କନ୍ୟା, ବୁଢ଼ୀ ଧନଦଉଲତର ମୋହରେ ଅନ୍ଧହୋଇ ଯାଇଛି । ସେ ସମୁଦ୍ର ରାଣୀ ହେବାକୁ ଇଚ୍ଛା କରୁଛି ଏବଂ ତୁମେ ତାର ଦାସୀ ହୋଇ ରହିବ ।"

Digitized by srujanika@gmail.com

ବୁଢ଼ାର କଥା ଶୁଣି ସୁନେଲି ମାଛର ପାଟିରୁ କୌଣସି କଥା ବାହାରିଲା ନାହିଁ । ସେ ପାଣି ଭିତରେ ବୁଡ଼ିଗଲା । ଉପରକୁ ମୋଟେ ଆସିଲା ନାହିଁ । ବୁଢ଼ା ସୁନେଲି ମାଛକୁ ବହୁତ ସମୟ ଅପେକ୍ଷା କରି ଶେଷରେ ଘରକୁ ଫେରିଯାଇ ଦେଖିଲା ଯେ ପାହାଡ଼ଟି ଉପରେ ବୁଢ଼ୀର ରାଜଦରବାର ଆଉ ନାହିଁ । ତା ବଦଳରେ ପୂର୍ବର ସେହି ଝାଟି ମାଟିର କୁଡ଼ିଆଟି ରହିଛି । ଘର ଅଗଣାରେ ବୁଢ଼ୀ ଦୁଃଖରେ ବସି ଲୁହ ଝରାଉଛି ।

ଏ ଦୃଶ୍ୟଦେଖି ବୁଢ଼ାର ମନ ଆନନ୍ଦରେ ପୂରି ଉଠିଲା । ସେ ସୁନେଲି ମାଛକୁ ମନେ ମନେ ବହୁତ ଧନ୍ୟବାଦ ଦେଲା ।

Digitized by srujanika@gmail.com

ସୋନଅାଁ ଓ ବାରମାସ

କୁନି ଝିଅଟିଏ । ନାଁ ଥିଲା ତାର ସୋନଅାଁ । ଦେଖିବାକୁ ମଧ୍ୟ ଅତି ସୁନ୍ଦର । ତା କଥା ଗୁଡ଼ିକ ମଧ୍ୟ ଖୁବ ମିଠା । ହେଲେ ବିଚାରୀ ଥିଲା ଦୁଃଖି । ଜନ୍ମରୁ ତା ମା ମରିଯାଇଥିଲା । ସୋନଅାଁର ବାପା ନାଦିଆ ନାମକ ଆଉ ଗୋଟିଏ ସ୍ତ୍ରୀ ଲୋକକୁ ବିବାହ କରିଥିଲେ ।

ସୋନଅାଁର ସାବତମାଆଁ ନାଦିଆ ସୋନଅାଁକୁ ମୋଟେ ଭଲ ପାଉ ନ ଥିଲା । ସେ ତାକୁ ସବୁବେଳେ କଷ୍ଟ ଦେଉଥିଲା । ପେଟପୁରା ଖାଇବାକୁ ଦେଉ ନଥିଲା । ତଥାପି ସୋନଅାଁର କୌଣସି ଚିନ୍ତା ନଥିଲା । ସେ ତା ସାଙ୍ଗ ସାଥୀମାନଙ୍କ ସହିତ ଖେଳି ଜୀବନର ସବୁ ଦୁଃଖ ଭୁଲିଯାଉଥିଲା ।

ଥରକର ଡିସେମ୍ବର ମାସ ହୋଇଥାଏ । ପ୍ରବଳ ଥଣ୍ଡା । ସବୁଆଡ଼େ ବରଫ ପଡ଼ିଥାଏ । ଗଛ ଗୁଡ଼ିକରେ ପତ୍ରଟିଏ ବି ନ ଥାଏ । ସବୁଠିକି ଥୁଣ୍ଟା ହୋଇ ଯାଇଥାଏ । ସେହି ସମୟରେ ସୋନଅାଁର ସାବତ ମାଆ ସୋନଅାଁକୁ କହିଲା, "ସୋନଅାଁ ଆଜି ବଣକୁ ଯାଇ କିଛି ଫୁଲ ତୋଳି ଆଣିବୁ ।"

"ଫୁଲ !" ମାଆ, ଏପରି ଡିସେମ୍ବର ମାସ । ଖରଶୀତ, ଗଛ ମାନଙ୍କରେ ପତ୍ରଟିଏ ମଧ୍ୟ ନାହିଁ । ଏ ମାସରେ ପୁଣି ଫୁଲ କେଉଁଠି ପାଇବି ?" ସୋନଅାଁ ହସି ହସି ତା ମାଆକୁ କହିଲା ।

କିନ୍ତୁ ସାବତ ମାଆର ଏକାଜିଦ୍ । ସେ କହିଲା, "ସୋନଅାଁ, ତୋତେ ଫୁଲ ଆଣିବାକୁ ହିଁ ପଡ଼ିବ । ତୁ ଜଙ୍ଗଲକୁ ଯା । ଯଦି ଫୁଲ ନପାଉ ତେବେ ଆଉ ଘରକୁ ଫେରିବୁ ନାହିଁ । ସେଇଠି ପଡ଼ି ମରିବୁ ।"

Digitized by srujanika@gmail.com

ସାବତ ମାଆର କଥା ଶୁଣି ସୋନଅାଁର ଆଖି ଲୁହରେ ଭିଜିଗଲା । କାନ୍ଦ କାନ୍ଦ ହୋଇ ସେ ଜଙ୍ଗଲକୁ ଗଲା । ଥଣ୍ଡାରେ ତା ଦେହ ଥରି ଯାଉଥାଏ । ହାତ ଗୋଡ଼ କୋହ୍ନି ମାରିଯାଉଥାଏ । ଠିକ୍ ଏତିକି ବେଳେ ଜଙ୍ଗଲରେ ଦେଖିଲା, ନିଆଁ ଜଳୁଛି । ବାରଜଣ ଲୋକ ନିଆଁ ଘେରିକରି ବସି ନିଆଁ ପୋଉଛନ୍ତି । ସେମାନଙ୍କ ମଧ୍ୟରୁ ଯିଏ ସବୁଠାରୁ ବେଶି ବୁଢ଼ା ସେ ଗୋଟିଏ ଉଚ୍ଚ ପଥର ଉପରେ ବସିଥିଲା । ସୋନଅାଁକୁ ଦେଖିପାରି ସେ କହିଲା, "କନେଝିଅ, ବରଫ ପଡ଼ୁଛି, ଏତେ ଥଣ୍ଡାରେ ତୁ ବଣ ଭିତରକୁ ଆସିଛୁ ।"

ସୋନଅାଁ କାନ୍ଦ କାନ୍ଦ ହୋଇ କହିଲା, "ମଉସା, ମୋ ନାଁ ସୋନଅାଁ । ଜନ୍ମରୁ ମୋ ମାଆ ମରିଯାଇଛନ୍ତି । ମୋର ସାବତମାଆ ମୋତେ ବଣରୁ ଫୁଲ ଆଣିବା ପାଇଁ ପଠାଇ ଅଛନ୍ତି । ଫୁଲ ନ ଆଣିଲେ କହିଲେ ପଛେ ମରିବୁ, ଘରକୁ ଆଉ ପେଶିବୁ ନାହିଁ ବୋଲି କହିଛନ୍ତି । ମୁଁ ଏବେ ଫୁଲ କେଉଁଠୁ ପାଇବି ?"

ସୋନଅାଁ କହି କହି ହୋଇ କାନ୍ଦି ଉଠିଲା ।

ସୋନଅାଁ କାନ୍ଦିବା ଦେଖି ବୁଢ଼ାଟି କହିଲା, "ତୁ କାନ୍ଦନା ମା, ଫୁଲ ପାଇଁ ତୁ ଚିନ୍ତା କରନା । ଆମେ ତୋତେ ଫୁଲ ଆଣିଦେବୁ ।"

ତୁମେ ଫୁଲ ପାଇବ କେଉଁଠୁ ? ଡିସେମ୍ବର ମାସରେ କଣ କେବେ ଫୁଲ ଫୁଟେ ।"

ବୁଢ଼ା କହିଲା, "ବୁଝିଲୁ ଝିଅ, ମୁଁ ହେଉଛି ଡିସେମ୍ବର ମାସ । ସମସ୍ତଙ୍କ ଅପେକ୍ଷା ମୁଁ ବୟସରେ ବଡ଼ । ଆଉ ଏ ଯେଉଁ ଏଗାର ଜଣ ମୋ ପାଖରେ ବସିଛନ୍ତି ଓ ନିଆଁ ପୋଉଛନ୍ତି ସେମାନେ ମୋର ସାନଭାଇ । ଏମାନଙ୍କର ନାମ—ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ ଏପ୍ରିଲ୍, ମେ, ଜୁନ୍, ଜୁଲାଇ, ଅଗଷ୍ଟ' ସେପଟେମ୍ବର, ଅକ୍ଟୋବର, ଓ ନଭେମ୍ବର । ଆମମାନଙ୍କର ଇଚ୍ଛା ଅନୁଯାୟୀ ଋତୁ ପରିବର୍ତ୍ତନ ହୁଏ । ଯଦି ଫୁଲ ଋତୁ ହେବ ଋତୁ ପରିବର୍ତ୍ତନ କରିଦେବା । ବସନ୍ତଋତୁ ଆସିବ ଦେଖିବୁ କେତେ ଫୁଲ ଫୁଟିବ । ତୁ ଫୁଲତକ ନେଇ ଘରକୁ ଯିବୁ ।"

Digitized by srujanika@gmail.com

ତାପରେ ବୁଢ଼ା ଡ଼ିସେମ୍ବର ଏଗାର ଜଣଙ୍କ ଭିତରୁ ଜଣକୁ କହିଲା, "ଭାଇ ମାର୍ଚ୍ଚ, ଏ କୁନି ଝିଅଟିକୁ ଫୁଲ ଦରକାର । ତୁ ଆ ମୋ ଆସନରେ ଟିକିଏ ବସ ।"

ମାର୍ଚ୍ଚ ଉଠିଆସି ଡ଼ିସେମ୍ବରର ପଥର ଆସନରେ ଯେମିତି ବସିଛି ସେମିତି ବରଫଗୁଡ଼ିକ ତରଳିଯାଇ ସବୁଆଡ଼ ସାଗୁଆ ଘାସ ଓ ଫୁଲରେ ପୂରିଗଲେ । ଗଛମାନଙ୍କରେ ପକ୍ଷୀମାନେ ବସି ବିଭିନ୍ନ ରାଗିଣୀରେ ଗୀତ ଗାଇ ବସିଲେଣି । ସୋନିଆଁ ମନ ଆନନ୍ଦରେ ଫୁଲ ତୋଳି ଆସି ବାର ଭାଇଙ୍କ ପାଖରେ ପହଞ୍ଚିଲା । ସୋନିଆଁକୁ ଦେଖି ବୁଢ଼ା ଡ଼ିସେମ୍ବର ମାର୍ଚ୍ଚକୁ କହିଲା, "ମାର୍ଚ୍ଚ ଭାଇ, ଏଥର ତୁ ତୋ ସ୍ଥାନକୁ ଚାଲିଆ । ମୋତେ ପଥର ଆସନଟି ଛାଡ଼ିଦେ ।"

ତାପରେ ବୁଢ଼ା ଡ଼ିସେମ୍ବର ଯାଇ ପଥର ଆସନରେ ବସିଲା । ଦେଖୁ ଦେଖୁ ଗଛ ଗୁଳ୍ମ ଲୁଣି ଧୂଆଁ ହୋଇଗଲା । ସବୁଆଡ଼େ ପ୍ରବଳ ଥଣ୍ଡା ହେଲା ।

ସୋନିଆଁ ବାରଭାଇଙ୍କଠାରୁ ବିଦାୟ ନେଇ ଘରକୁ ଫେରିଲା । କେତେବେଳେ ଘରେ ସାବତ ମାଆ ମନେ ମନେ ଭାବୁଥିଲେ ଯେ ସୋନିଆଁ ବଣ ଜଙ୍ଗଲରେ ନିଶ୍ଚୟ ମରିଯିବ । ସୋନିଆଁ ଫୁଲ ନେଇ ଫେରିବା ଦେଖି ତାର ସାବତମାଆ ଆଶ୍ଚର୍ଯ୍ୟ ହୋଇଗଲା । ଡ଼ିସେମ୍ବର ମାସରେ ସୋନିଆଁ ଫୁଲ କେଉଁଠୁ ପାଇଲା ? ଏ ସମ୍ବନ୍ଧରେ ବାରମ୍ବାର ସେ ପଚାରିଲା । ସୋନିଆଁ କିଛି କହିଲା ନାହିଁ ।

ସାବତମାଆ ମନେ ମନେ ସୋନିଆଁ ଉପରେ ରାଗିଯାଏ । ତା ପରଦିନ ସେ ସୋନିଆଁକୁ କହିଲା, "ସୋନିଆ ଆଜି ମୋର ଫଳ ଖାଇବାପାଇଁ ବହୁତ ଇଚ୍ଛା ହେଉଛି । ତୁ ଜଙ୍ଗଲକୁ ଯାଇ ମୋ ପାଇଁ କିଛି ଫଳ ନେଇଆ ।"

ଡ଼ିସେମ୍ବର ମାସରେ ମୁଁ ଫଳ କେଉଁଠୁ ପାଇବି ମାଆ ? ସୋନିଆଁ କହିଲା ।

Digitized by srujanika@gmail.com

ସାବତମାଆ ତାକୁ କହିଲା, "ତୁ ଫଳ କେଉଁଠୁ ପା'ବା ନପା' ମୋର କିଛି ଯାଏ ଆସେ ନାହିଁ । କିନ୍ତୁ ଫଳ ନ ଆଣିଲେ ତୋ ପାଇଁ ଏ ଘରେ ପଶିବା ମନା ।"

ସାବତମାଆର କଥା ଶୁଣି ସୋନଅଁ ପୁଣି ପ୍ରବଳ ଅନ୍ଧାରରେ ସେହି ଜଙ୍ଗଲକୁ ଗଲା । ଜଙ୍ଗଲ ଭିତରେ ବାର ଭାଇଙ୍କୁ ନିଆଁ ପୋଉଁଥିବାର ସେ ଦେଖିଲା ।

ବୁଢା ଡିସେମ୍ବର ପଥର ଉପରେ ବସିଥାଏ । ସେ ସୋନଅଁକୁ ଦେଖି ପାଖକୁ ଡାକି କହିଲା, "ଝିଅ, ପୁଣି କାହିଁକି ଆସିଲୁ ।"

ସୋନଅଁ କାନ୍ଦ କାନ୍ଦ ସବୁ କଥା କହିଲା । ବୁଢା ଡିସେମ୍ବର କହିଲା, "କାନ୍ଦନା ମା, ଏବେ ତୁ ଫଳ ନେଇ ଘରକୁ ଯିବୁ ।"

ବୁଢ଼ା ଡିସେମ୍ବର ତା ପାଖରେ ବସିଥିବା ଜୁନ୍‌ଙ୍କୁ କହିଲା, "ଜୁନ୍, ଝିଅଟିର ଦୁଃଖତ ଶୁଣିଲୁ । ଏବେ କିଛି ସମୟ ପାଇଁ ତୁ ମୋ ସ୍ଥାନରେ ଆସି ବସ ।"

ତାପରେ ଜୁନ୍ ଉଠି ଆସି ଡିସେମ୍ବର ସ୍ଥାନରେ ଓ ଡିସେମ୍ବର ଜୁନ୍‌ର ସ୍ଥାନରେ ବସିଲେ । ଦେଖୁ ଦେଖୁ ଅନ୍ଧାର କେଉଁଆଡ଼େ ଲୁଚିଗଲା । ଚାରିଆଡ଼େ ଗରମ ଲାଗିଲା । ଥୁଣ୍ଟା ଥୁଣ୍ଟା ଗଛ ଗୁଡ଼ିକ ପତ୍ର ଫୁଲ ଓ ଫଳରେ ଭରିଗଲା । ସୋନଅଁ ମନ ଆନନ୍ଦରେ ନାନା ଜାତିର ଫଳତୋଳି ବାରଭାଇ ବସିଥିବା ସ୍ଥାନରେ ଆସି ପହଞ୍ଚିଲା ।

ସୋନଅଁ ଫଳ ତୋଳି ସାରିଥିବାରୁ ବୁଢ଼ା ଡିସେମ୍ବର ପୁଣି ପଥର ଉପରକୁ ଚାଲି ଆସି ବସିଲା ଓ ଜୁନ୍ ନିଜ ସ୍ଥାନରେ ବସିଲା । ଚାରିଆଡ଼େ ପୁଣି ପ୍ରବଳ ଅନ୍ଧାର ବ୍ୟାପିଗଲା ।

ସୋନଅଁ ସେମାନଙ୍କ ପାଖରୁ ବିଦାୟ ନେଇ ଘରେ ପହଞ୍ଚିଲା । ସାବତମାଆ ସୋନଅଁ ହାତରେ ଫଳ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସୋନଅଁକୁ ଫଳ କେଉଁଠୁ ମିଳିଛି ବୋଲି ପଚାରିବାରୁ ସୋନଅଁ କିଛି କହିଲା ନାହିଁ ।

ତା'ପରଦିନ ସୋନଅଁର ମାଆ ମନେ ମନେ ଚିନ୍ତା କଲା ଯେ ସେ ନିଜେ ବଣ ଭିତରକୁ ଯାଇ ଫୁଲ ଫଳ ଇତ୍ୟାଦି ସଂଗ୍ରହ କରି ଆଣିବ ।

Digitized by srujanika@gmail.com

ତେଣୁ ସେ ଏକା ଏକା ବଣଭିତରକୁ ଗଲା । ଭୀଷଣ ଥଣ୍ଡା ଲାଗୁଥାଏ । କିଛି ବାଟ ଗଲା ପରେ ଦେଖିଲା ବାରଜଣଲୋକ ନିଆଁର ଚାରିପଟେ ବସି ନିଆଁ ପୋଉଁଥିଲେ । ସବୁଠୁ ବୁଢା ଲୋକଟି ଯିଏ ସେ ପଥର ଉପରେ ବସିଥାଏ ସୋନିଆଁର ସାବତମାଆକୁ ଦେଖି ବୁଢା ପଚାରିଲା, "ଏ ଥଣ୍ଡାରେ ବଣ ଭିତରେ କଣ ଖୋଜୁଛ ମା ?"

ସୋନିଆଁର ସାବତମାଆ ଭାରି ଚଢ଼ୀ । ସେ ରାଗିଯାଇ କହିଲା, "ବୁଢ଼ା, ମୁଁ ବଣ ଭିତରେ କଣ ଖୋଜୁଛି ତୁ ପଚାରିବାକୁ କିଏ । ଦେଖୁଛି ତୋର ତ ବଡ଼ ଦାହାସ ହୋଇ ଗଲାଣି ।

ସୋନିଆଁର ସାବତମାର କଥା ଶୁଣି ବୁଢ଼ା ଡିସେମ୍ବର ରାଗିଲେ । ସେ ପଥର ଉପରେ ଠିଆ ହୋଇ ତାର ଡ଼ାହାଣ ହାତଟିକୁ ଉପରକୁ ଟେକିଦେଲା । ଦେଖୁ ଦେଖୁ ଥଣ୍ଡାର ପ୍ରକୋପ ଆହୁରି ବଢ଼ିଗଲା । ବରଫ ଖଣ୍ଡମାନ ବର୍ଷା ହେଲା । ସାବତମାଆ ସେଇଠି ବରଫ ଉପରେ ପୋତି ହୋଇ ମରିଗଲା ।

ହେଉଣ ସୋନିଆଁର ସାବତମାଆ ଘରକୁ ନ ଫେରିବାରୁ ସୋନିଆଁ ଓ ତାର ବାପା ଚିନ୍ତାରେ ପଡ଼ିଲେ । ସେମାନେ ଜଙ୍ଗଲକୁ ଆସି ତାକୁ ବହୁତ ଖୋଜିଲେ । କିନ୍ତୁ ପାଇଲେ ନାହିଁ । ସୋନିଆଁ ଓ ତାର ବାପା ମନ ଦୁଃଖରେ ଫେରି ଆସିଲେ ।

ମାସ ଗୁଡ଼ିକ ସୋନିଆକୁ ବହୁତ ସାହାଯ୍ୟ କରିଥିବାରୁ ସୋନିଆଁ ସେମାନଙ୍କୁ ଭୁଲି ପାରିଲା ନାହିଁ । ସେ ସେମାନଙ୍କୁ ଝୁରିହେଲା ।

ତା ପରି ବର୍ଷଠାରୁ ଯେତେ ଗୁଡ଼ିକରେ ଯେତେବେଳେ ଫୁଲଫୁଟେ ଓ ଫଳଧରେ ସୋନିଆଁ ତାର ଘରର ଝରକା ପାଖରେ ମୁଁହରିଣ କହେ, "ମାସଗୁଡ଼ିକ ନମସ୍କାର । ତୁମେ ଆମକୁ ମନେ ରଖି ପୁଣି ଆମ ପାଖକୁ ଆସିଥିବାରୁ ମୁଁ ତୁମ ଉପରେ ବହୁତ ଖୁସି । ତୁମକୁ ଧନ୍ୟବାଦ ଜଣାଇବା ସଙ୍ଗେ ସଙ୍ଗେ ଅନ୍ୟ ମାସ ମାନଙ୍କୁ ମଧ୍ୟ ମୁଁ ସ୍ୱାଗତ ଜଣାଉଛି ।

●

Digitized by srujanika@gmail.com

ଇଭାନ୍ ଓ ଅସୁର

ବହୁ ବର୍ଷ ତଳର କଥା । ପିଲାଟିଏ ଥାଏ । ତା ନାଁ ଇଭାନ୍ । ସେ ମାଶଆ, ଭଲ୍‌ଗା ଏବଂ ଅନ୍ନା ନାମକ ତା'ର ତିନି ଭଉଣୀଙ୍କ ସହିତ ଗୋଟିଏ ବଗିଚାରେ ରହୁଥିଲା । ବଗିଚାଟି ନାନା ଜାତିର ଫଳ ଫୁଲରେ ଭରପୂର ହୋଇଥିଲା ।

ଦିନେ ବର୍ଷା ଆଉ ଝଡ଼ ଘଡ଼ ହୋଇ ଜୋରରେ ପବନ ବୋହିଲା । ବଗିଚାର ବଡ଼ ବଡ଼ ଗଛ ସବୁ ମଡ଼ ମାଡ଼ ହୋଇ ଭାଙ୍ଗି ପଡ଼ିଲା । ବର୍ଷା ଥମିଲା ପରେ ଦେଖାଗଲା, ବଗିଚା ଉପରେ ରୁପାର ଛଞ୍ଚାଣଟିଏ ଉଡ଼ୁଛି । ଛଞ୍ଚାଣଟି ଧୀରେ ଧୀରେ ବଗିଚା ମଝିରେ ଆସି ବସିଲା । ସେଠାରେ ରହୁଥିବା ତିନିଜଣ ଯାକ ଭଉଣୀଙ୍କ ମଧ୍ୟରୁ ବଡ଼ ଭଉଣୀକୁ କହିଲା, "ମାଶଆ ! ବଗିଚାରେ କଣ କରୁଛୁ ? ଆ, ମୋ ପିଠିରେ ବସ । ମୁଁ ତୋତେ ରୁପା ମହଲକୁ ନେଇଯିବି ।"

ଛଞ୍ଚାଣର କଥା ଶୁଣି ମାଶଆ ଆନନ୍ଦରେ ଯାଇ ତା ପିଠିରେ ବସିଲା । ତା'ପରେ ଡେଣା ହଲାଇ ଛଞ୍ଚାଣଟି ଆକାଶକୁ ଉଡ଼ିଗଲା । ତା' ସାନ ଭଉଣୀମାନେ ତାକୁ ଆଉ ଦେଖିବାକୁ ପାଇଲେ ନାହିଁ ।

କିଛି ଦିନ ଗଲା । ଦିନେ ପୁଣି ଝଡ଼ବର୍ଷା ହେଲା । ରୁପା ଚିଲଟିଏ ଆସି ପୁଣି ବଗିଚାରେ ଓହ୍ଲାଇଲା । ସେଠାରେ ରହୁଥିବା ସାନ ଭଉଣୀମାନେ ଆସି ତା ପାଖରେ ପହଞ୍ଚିଲେ । ଚିଲଟି ମଝିଆଁ ଭଉଣୀକୁ କହିଲା, "ଭଲଗା ! ତୁ ରୁପାଗଡ଼ ଦେଖିଛୁ ? "

ଭଲଗା କହିଲା, "ନାହିଁ" ।

ଚିଲ କହିଲା, "ତେବେ ମୋ ପିଠିରେ ବସ । ମୁଁ ତୋତେ ସେଠାକୁ ନେଇଯିବି" ।

Digitized by srujanika@gmail.com

ତାପରେ ଭକବଗା ଚଢ଼ ପିଠିରେ ଯେମିତି ବସିଛି ସେ ତାକୁ ନେଇ ଆକାଶକୁ ଲମ୍ଫ ମାରିଲା।

ପୃଥ୍ୱୀ ଉପରେ ଝଡ଼ ବର୍ଷା ହେଲା। ରୂପ ଘ ଘୋଡ଼ାଟିଏ ଆସି ବଗିଚାରେ ଓହ୍ଲାଇଲା। ସେ ଧାନ ଭଉଣୀଙ୍କୁ ରୂପାର ଜଞ୍ଜାସବୁ ଦିବାପାଇଁ କହିଲା। ଅନ୍ତ ତା ପିଠିରେ ବସିବାକ୍ଷଣି ସେ ଫୁର୍‌କିନା ଉଡ଼ିଗଲା।

ତିନି ଭଉଣୀ ଗଲାପରେ ଏକା ରହିଲା ଇଭାନ୍। ବଡ଼ତରା ଭାବୁଥିଲା ତା'ର ଭଉଣୀମାନଙ୍କୁ ଯେମିତି ରୁସ୍ତାଖ ଛଞ୍ଚାଣ, ଚିଲ ଏବଂ ଡାଉ ଆସି ନେଇଗଲେ। ତାକୁ ମଧ୍ୟ କେହି ନା କେହି ଆସି ନେଇଯିବେ। କିନ୍ତୁ କେହି ଆସିଲେ ନାହିଁ। ସେ ଚିଲ ଇତ୍ୟାଦି ଯେଉଁ ଦିଗକୁ ଯାଇଥିଲେ ସେହି ଦିଗକୁ ଚାଲିଲା। ବର୍ଷ ବର୍ଷ ଧରି ସେ କେତେ ପାହାଡ଼ ବନ ବଣ ବୁଲିଣା କେଉଁ ଶେଷରେ ଗୋଟିଏ ପଡ଼ିଆରେ ପହଞ୍ଚିଲା। ପଡ଼ିଆକୁ ଲଗି ସମୁଦ୍ର। ସମୁଦ୍ରର ଲହଡ଼ି ସବୁ ପଡ଼ିଆକୁ ମାଡ଼ି ଆସୁଥାଏ। ପଡ଼ିଆରେ ସେ ଯେଉଁ ଦୃଶ୍ୟ ଦେଖିଲା ସେଥିରେ ତା'ଦେହ ଶୀତେଇ ଉଠିଲା। ସେ ଦେଖିଲା ଶହ ଶହ ସଂଖ୍ୟାରେ ସୈନିକମାନେ ସେଠାରେ ମରି ଶୋଇଛନ୍ତି। ଟିକିଏ ଆଗରେ ତମ୍ବୁଟିଏ ଦେଖି ସେ ତା ଭିତରକୁ ଗଲା। ସେ ଭିତରେ ଖୁବ୍ ସୁନ୍ଦର ଗୋରା ଟକ୍ ଟକ୍ ସ୍ତ୍ରୀ ଲୋକଟିଏ ସୈନିକ ପୋଷାକ ପିନ୍ଧି ବସିଥିଲା। ସ୍ତ୍ରୀ ଲୋକଟି ତାକୁ ପାଖକୁ ଡାକି ବସିବାକୁ କହିଲା। ଇଭାନ ସେତେବେଳେ ଶୁଖି ଶୁଖି ଟିକି ଯାଇଥିଲା। ଅନେକ ଦିନ ହେଲା ନ ଖାଇ ନ ପିଇ ତା ପେଟ ପିଠିରେ ଲାଗି ଯାଇଥିଲା। ସ୍ତ୍ରୀ ଲୋକଟି ତାକୁ କିଛି ଖାଇବାକୁ ଦେଇ କହିଲା, 'ପୁଅ! ମୁଁ ହେଉଛି ପାତାଳପୁରର କନ୍ୟା "ନାଟାଶା"। ରାଜ୍ୟ ଜୟ କରିବା ପାଇଁ ମୁଁ ଏଠାକୁ ଆସିଥିଲି। ତୋତେ ମୁଁ ପାତାଳ ପୁରକୁ ନେଇ ବୁଲାଇ ଆଣିବି।"

ନାଟାଶାର କଥା ଶୁଣି ଇଭାନ୍‌ର ଆନନ୍ଦ କହିଲେ ନ ସରେ। ସେ ନାଟାଶା ସହିତ ପାତାଳ ପୁରକୁ ଗଲା। ପାତାଳପୁର ଭାରି ସୁନ୍ଦର। ତା ଆଖି ଝଲସି ଯାଉଥିଲା। ଫେରି ଆସିବା ପାଇଁ ଆଉ ତା'ର ମନ କରୁ ନଥିଲା।

Digitized by srujanika@gmail.com

ନାଟାଶା ଗୋଟିଏ ନବୁଜ କୋଠରୀ ଦେଖାଇ ଇଭାନ୍‌କୁ କହିଲା, "ଦେଖ୍ ପୁଅ, ଏ କୋଠରୀ ଖୋଲିବୁ ନାହିଁ ।"

ତାପରେ ନାଟାଶା ଚାଲିଗଲା । ଇଭାନ୍ କିନ୍ତୁ ସେ କୋଠରୀ ଖୋଲି ଦେଖିବା ପାଇଁ ଇଚ୍ଛା କଲା ।

ସେ ନବୁଜ କୋଠରୀକୁ ଯାଇ ଯେମିତି କବାଟ ଖୋଲିଦେଲା । ଘର ଭିତରେ ଗୋଟିଏ ମସ୍ତବଡ଼ ଅସୁରକୁ ଦେଖିଲା । ଅସୁରର ଗୋଡ଼ ହାତ ସବୁ ଲୁହା ଶିକୁଳିରେ ବନ୍ଧା ହୋଇଥିଲା । ଅସୁର କହିଲା, "ନାଟାଶା ଆଜକୁ କେତେବର୍ଷ ହେଲା ମୋତେ ଏଠି ବାନ୍ଧି ରଖିଛି । ପାଣି ଟୋପାଏ ମଧ୍ୟ ଦେଉ ନାହିଁ । ମୋ'ତେ ଭାରି ଶୋଷ ହେଉଛି, ମୁଁ କଷ୍ଟ ପାଉନାହିଁ । ମୋତେ ଖାଲି ପାଣି ଟୋପାଏ ପିଇବାକୁ ଦେ" ।

ଅସୁର ପ୍ରତି ଇଭାନ୍‌ର ଦୟା ହେଲା । ସେ ତାକୁ ପାଣି ପିଇବାକୁ ଦେଲା । ଅସୁର ଢକ୍ ଢକ୍ କରି ପାଣି ପିଇଲା । ପାଣି ପିଇବା ପରେ ତା' ଦେହରେ ଏତେ ବଳ ହେଲାଯେ, ସେ ଲୁହା ଶିକୁଳି ଗୁଡ଼ିକ ଛିଣ୍ଡାଇ ଦେଲା । ସେ କହିଲା, "ଇଭାନ୍, ମୁଁ ଯାଉଛି, ହେଲେ ଜାଣିରଖ ମୋତେ ନାଟାଶା ବନ୍ଦୀ କରି ରଖିଥିଲା ମୁଁ ତାକୁ ମର୍ତ୍ତ୍ୟରେ ଯାଇ ବନ୍ଦୀ କରି ରଖିବି । ସେ ଆଉ ଏଠିକି ଫେରିଆସି ପାରିବ ନାହିଁ ।

ଅସୁର ଚାଲିଯିବା ପରେ ଇଭାନ୍ ମଧ୍ୟ ତା ପଛେ ପଛେ ଗଲା । ଇଭାନ୍ ମର୍ତ୍ତ୍ୟରେ ପହଞ୍ଚି ପହଞ୍ଚି ପାଞ୍ଚଦିନ ମାସ ସମୟ ଲାଗିଗଲା । ବାଟରେ ଆସୁ ଆସୁ ଜଙ୍ଗଲଟିଏ ପଡ଼ିଲା । ତା ଭିତରେ ଗୋଟିଏ ମସ୍ତବଡ଼ ଅନ୍ଧାରୁଆ ଘର । ତାର ଇଚ୍ଛା ହେଲା ସେଇଟାକୁ ଟିକେ ଦେଖନ୍ତା । ତେଣୁ ସେ ଅନ୍ଧାରିଆ ଘର ଭିତରକୁ ଯେମିତି ପଶିଗଲା । ଦେଖିଲା ନାଟାଶା ବନ୍ଦୀ ହୋଇ ରହିଛି । ସେତେବେଳେ ଅସୁର ନ ଥିଲା । ସେ ଶିକାର କରିବା ପାଇଁ ଯାଇଥିଲା । ଠିକ୍ ଏତିକିବେଳେ ସେ ନାଟାଶାର ଶିକୁଳି ଗୁଡ଼ିକ ଖୋଲି ଦେଲା । ଦୁହେଁଙ୍କୁ ଦୁହେଁ ସେଠାରୁ ପଳାଇବାକୁ ଲାଗିଲେ । ତେବେ କିଛି ସମୟ ପରେ ସେମାନେ ଦେଖି ପାରିଲେ ଅସୁରଟି ଘୋଡ଼ାରେ ଚଢ଼ି ଫେରୁଛି । ଘୋଡ଼ାଟିର ମୁହଁ ଠିକ୍ ମଣିଷ ଭଳି କଣ୍ଠ ବି ଥିଲା

Digitized by srujanika@gmail.com

ହୋଇଛନ୍ତି । ଅସୁର ଆଖି ଆଗରେ ଇଭାନ୍ ଓ ନାଟାଶା ଧରା ପଡ଼ିଗଲେ । ଅସୁର ରାଗରେ ଜଳିଗଲା । ସେ ସଙ୍ଗେ ସଙ୍ଗେ ଇଭାନ୍‌କୁ ତା ଘୋଡ଼ାର ମଗର ଉଳ ଧାରୁଆ ଲଞ୍ଜରେ ଟିକି ଟିକି କରି କାଟି ପକାଇ ଗୋଟିଏ କଳସୀ ଭିତରେ ଭର୍ତ୍ତି କରି ଦେଲା । କଳସୀକୁ ସମୁଦ୍ର ଭିତରକୁ ଫିଙ୍ଗି ଦେଲା । ନାଟାଶାକୁ ପୁଣି ବନ୍ଦୀ କରି ନେଇଗଲା ।

ଏହାପରେ ରୂପା ଛଞ୍ଚାଣଟି କେଉଁଠି ଥିଲା କେଜାଣି ସେ ଆସି ସମୁଦ୍ର ଭିତରୁ କଳସୀଟିକୁ ବାହାର କରି ଆଣିଲା । ସେ କଳସୀ ଭିତରେ ଥିବା ହାଡ଼ ମାଂସ ଆଦିକୁ ଯୋଡ଼ି ଦେଇ ସୁନେଲି ଜଙ୍ଗଲର ଝରଣା ପାଣି ଆଣି ଛିଞ୍ଚି ଦେଲା । ଦେଖୁ ଦେଖୁ ଇଭାନ୍‌ର ଦେହ ଯୋଡ଼ି ହୋଇଗଲା । ସେ ଆଖି ମଳି ମଳି ନିଦରୁ ଉଠିଲା ଭଳି ଉଠିଲା । ତା ଆଗରେ ସେ ଦେଖିଲା ରୂପାର ଛଞ୍ଚାଣ, ଚିଲ ଏବଂ କାଉ ଠିଆ ହୋଇଛନ୍ତି । ସେମାନଙ୍କୁ ଦେଖି ସେ ତା'ର ଭଉଣୀମାନଙ୍କ କଥା ପଚାରିଲା । ସେମାନେ କହିଲେ ଯେ, ସେ ସମସ୍ତେ ରୂପାର ମହଲ, ରୁପାର ନଅର, ଓ ରୁପା ଗଡ଼ରେ ଅଛନ୍ତି । ତା'ପରେ ଅସୁରକୁ କିପରି ମରାହେବ ସେ ବିଷୟରେ ସେମାନେ କଥା ହେଲେ ।

ଛଞ୍ଚାଣ, ଚିଲ ଏବଂ କାଉ ଅସୁରକୁ ମାରିବାର ଉପାୟ ଜାଣିଥିଲେ । ଛଞ୍ଚାଣଟି ଇଭାନ୍‌କୁ ତା ପିଠିରେ ବସିବାକୁ କହିଲା । ଇଭାନ୍ ଯେମିତି ତା ପିଠିରେ ବସିଛି ସେ ଆକାଶକୁ ଉଡ଼ିଗଲା । ତା ପଛେ ପଛେ ଚିଲ ଓ କାଉ ମଧ୍ୟ ଉଡ଼ିବାକୁ ଲାଗିଲେ । ଯାଉଁ ଯାଉଁ ସେମାନେ କେତେ ନଈ ପାହାଡ଼ ଡେଇଁ ଗୋଟିଏ ରାଜ୍ୟରେ ପହଞ୍ଚିଲେ । ଆଶ୍ଚର୍ଯ୍ୟର କଥା ରାଜ୍ୟରେ ମଣିଷଟିଏ ମଧ୍ୟ ନ ଥିଲେ । ଖାଲି ବୁଢ଼ୀ ଅସୁରୁଣୀଟିଏ ଥିଲା । ସେ ଗୋଟିଏ ଅଦ୍ଭୁତ ଘୋଡ଼ା ରଖିଥିଲା । ସିଏ ତା ଲାଙ୍ଗୁଡ଼ ହଲାଇଲେ ଖାଲି ନିଆଁ ବୃଷ୍ଟି ହେଉଥିଲା । ଇଭାନ୍ ବୁଢ଼ୀ ଅସୁରୁଣୀ ପାଖରେ ରହି ତା'ର ବହୁତ ସେବା କଲା । ବୁଢ଼ୀ ଅସୁରୁଣୀ ତା'ଉପରେ ସନ୍ତୁଷ୍ଟ ହୋଇ ତାକୁ ଘୋଡ଼ାଟିକୁ ଦେଲା । ଇଭାନ୍ ଯେମିତି ଘୋଡ଼ାରେ ବସିଛି ଘୋଡ଼ାଟି ଖୁବ୍ ଜୋର୍‌ରେ ଉଡ଼ି ଉଡ଼ି ଅସୁର ପାଖରେ ଯାଇ ପହଞ୍ଚିଲା । ତାକୁ ଦେଖି ଅସୁର ରାଗିଗଲା । ସେ ତାକୁ ମାରିବା ପାଇଁ ଗୋଡ଼ାଇଲା । ଠିକ୍ ଏତିକି-

Digitized by srujanika@gmail.com

ତେବେ ଘୋଡ଼ାଟି ତା ଲାଙ୍ଗୁଡ଼ ହଲାଇ ଦେଲା । ଲାଙ୍ଗୁଡ଼ରୁ ଏତେ ନିଆଁ ବୃଷ୍ଟି ହେଲା ଯେ, ଦେଖୁଁ ଦେଖୁଁ ଅସୁର ଓ ତା ମଗର ମୁଁହା ଘୋଡ଼ା ଜଳିପୋଡ଼ି ମରିଗଲେ । ଛଞ୍ଜାଣ, ଟଳ ଓ କାଞ୍ଜ ତିନିହେଁ ଭଗବାନ୍‌ର ତିନି ଭଉଣୀଙ୍କୁ ନେଇ ସେଠାରେ ପହଞ୍ଚିଲେ । ପାତାଳକନ୍ୟା ନାଠାଣା ସେତେବେଳେ ବନ୍ଦୀହୋଇ ରହିଥିଲା । ଭଗବାନ୍ ତାଙ୍କୁ ମୁକ୍ତ କଲା । ନାଠାଣା ସେମାନଙ୍କ ଉପରେ ବହୁତ ଖୁସି ହେଲା ଓ ପାତାଳପୁରରେ ରହିବା ପାଇଁ ସେମାନଙ୍କୁ ଅନୁରୋଧ କଲା ।

ଅଦ୍ଭୁତ ଘୋଡ଼ାଟିରେ ନାଠାଣା ଓ ଭଗବାନ୍ ବସିଲେ । ରୂପାର ଛଞ୍ଜାଣ, ଟଳ ଓ କାଞ୍ଜ ଏମାନେ ତିନି ଭଉଣୀ ବସିଲେ । ଦେଖୁଁ ଦେଖୁଁ ସେମାନେ ପାତାଳପୁରରେ ପହଞ୍ଚିଲେ । ସେଇଠି ସେମାନେ ଆନନ୍ଦରେ ଦିନ କଟାଇଲେ ।

Digitized by srujanika@gmail.com

ଅଳସୁଆର ଶପଥ

କୌଣସି ଗୋଟିଏ ଗ୍ରାମରେ ଅଳସୁଆ ଲୋକଟିଏ ରହୁଥିଲା । ଲୋକଟି ଖାଇ ପିଇ ଡ଼ଙ୍ଗଳ ଡ଼ାଙ୍ଗଳ ଦେହୀ ହୋଇଥିଲା । ତେବେ କୌଣସି କାମ କରିବା ପାଇଁ ସେ ରାଜି ହେଉ ନଥିଲା । ସେ ଭିକ ମାଗି ଚଳୁଥିଲା । ଗାଁ ଲୋକମାନେ ତାକୁ ଖାଲି ହାତରେ ଫେରାଉ ନ ଥିଲେ ।

କିଛିଦିନ ପରେ ଲୋକମାନେ ଅଳସୁଆ ଲୋକଟିର ପ୍ରତି କ୍ରମେ ବିରକ୍ତ ହେଲେ । ସେମାନେ ତାକୁ ଆଉ ଭିକ ଦେଲେ ନାହିଁ । ଯାହା ଦୁଆରକୁ ଗଲା ଲୋକମାନେ ତାକୁ ଛି ଛାକର କଲେ । ଛୋଟ ଛୋଟ ପିଲାମାନେ ବି ତାକୁ ଚିଡ଼ାଇବାରେ ଲାଗିଲେ ।

ଦୋକ ଉପାସରେ ରହି ଶେଷରେ ଲୋକଟି ଯାଘରୁ ଛାଘରୁ ବୈରି ହୋଇ ବସିଲା । ଲୋକେ ମଧ୍ୟ ତାକୁ ଭଲ ଭାବରେ ଚିହ୍ନିଗଲେ । କେତେକ ସ୍ଥାନରେ ସେ ତା'ର ଅପକର୍ମ ପାଇଁ ମାଡ଼ ଖାଇଲା । ସେ ସୃଷ୍ଟିକର୍ତ୍ତା ଭଗବାନଙ୍କ ଉପରେ ରାଗିଗଲା । ଏଥର ସେ ସୃଷ୍ଟିକର୍ତ୍ତାଙ୍କ ଉପରେ ଅଭିମାନ କଲା ।

ଦିନେ ଅତି ପାହାନ୍ତା ପହରରୁ ଉଠି ଅଳସୁଆ ଭଗବାନଙ୍କୁ ଖୋଜିବାପାଇଁ ବାହାରିଲା । ତେବେ ଭଗବାନ କେଉଁଠି ରହନ୍ତି, କେଉଁଠିକି ଗଲେ ତାଙ୍କର ଦେଖା ମିଳିବ ଏ କଥା ତାକୁ ଜଣା ନ ଥିଲା । ସେ ମନେ ମନେ ଚିନ୍ତା କଲା ସ୍ୱର୍ଗଛଡ଼ା ସୃଷ୍ଟିକର୍ତ୍ତା ଆଉ କେଉଁଠି ରହୁ ନ ଥିବେ । ତେଣୁ ଗୋଟିଏ ଉଚ୍ଚ ପାହାଡ଼ ଉପରକୁ ଯାଇ ସେ ଯଦି ଡାକ ପକାଇବ ତେବେ ଭଗବାନଙ୍କୁ ତା ଡାକ ଶୁଭିବ ।

ସେଇଭଳି ଏକ ଉଚ୍ଚ ପାହାଡ଼ ଆଡ଼କୁ ସେ ଆଗେଇ ଚାଲିଲା । ବାଟରେ ଗୋଟିଏ ଦୁର୍ଗମ ପଡ଼ିଲା ରଧିଆ ସହିତ ତା'ର ଦେଖାହେଲା । ରଧିଆ ତାକୁ ପଚାରିଲା, "ମଣିଷପିଲା ଏ ବେଳାରୁ କେଉଁଠିକି ବାହାରିଲୁ ?"

Digitized by srujanika@gmail.com

"ଭଗବାନଙ୍କୁ ଖୋଜିବା ପାଇଁ ଯାଉଛି ।" ଅଳସୁଆ କହିଲା ।

"ଭଗବାନଙ୍କ ପାଖକୁ !" ଗଧିଆ ଆଶ୍ଚର୍ଯ୍ୟ ହୋଇ କହିଲା । ଯଦି ଭଗବାନଙ୍କୁ ଦେଖିବ ତେବେ ମୁଁ ଗୋଟିଏ ପ୍ରଶ୍ନ ପଚାରିବ । ମୁଁ ନିତିଦିନ ଭଲ ଭଲ ଜିନିଷ ଖାଉଛି ତଥାପି କାହିଁକି ମୋଟାହୋଇ ପାରୁନାହିଁ ?"

ଅଳସୁଆ ତା'କଥାରେ ହଁ ଭରି ଆଗକୁ ବଢ଼ିଲା । କିଛି ବାଟ ଯାଇଛି ବାଟରେ ଓକ୍ ଗଛ ପଡ଼ିଲା । ଓକ୍ ଗଛଟି ଅଳସୁଆକୁ କହିଲା' "ମଣିଷଭାଇ, କେଉଁଠିକି ଯାଉଛ ?"

"ଭଗବାନଙ୍କ ପାଖକୁ !"

"ଭଗବାନଙ୍କ ପାଖକୁ ! ତେବେ ମୋର ଗୋଟିଏ ଦୁଃଖ ଭଗବାନଙ୍କୁ ଜଣାଇବ ?"

—"କ'ଣ କହୁନ ?"

ଓକ୍ ଗଛ କହିଲା, "ମୋର ଗୋଟିଏ ପାଖ ସବୁବେଳେ ଶୁଖି ଯାଉଛି । ସେ ପାଖରେ ଡାଳ ପତ୍ର କିଛି ଉଠୁନାହିଁ । କଣ କଲେ ସେଥିରେ ଡାଳ ପତ୍ର ଉଠିବ, ତାହା ଶୁଣିବ ନାହିଁ ?"

ଅଳସୁଆ ତା' କଥାରେ ହଁଭରି ଆଗକୁ ବଢ଼ିଲା । ବାଟରେ ନଦୀଟିଏ ପଡ଼ିଲା । ଅଳସୁଆ ନଦୀ ପାରହୋଇ ଯାଉଁ ଯାଉଁ ମାଛଟିଏ ତା ପାଖକୁ ପହଁରି ପହଁରି ଆସି କହିଲା, "ମଣିଷ ଭାଇ, କେଉଁଆଡ଼େ ବାହାରିଲ ?"

—"ଭଗବାନଙ୍କ ପାଖକୁ ।"

"ଭଗବାନଙ୍କ ପାଖକୁ ? ତେବେ ମୋର ଗୋଟିଏ ଦୁଃଖ ଭଗବାନଙ୍କୁ ଯଦି ଜଣାଇ ଦିଅନ୍ତ ତେବେ ମୁଁ ବହୁତ ଉପକୃତ ହୁଅନ୍ତି ।"

—"କି ଦୁଃଖ ?"

Digitized by srujanika@gmail.com

ମାଛଟି କହିଲା, "ଆଜିକୁ କେତେଦିନ ହେଲା ମୋ ବାମ ଆଖିକୁ ମୋଟେ ଦେଖାଯାଉ ନାହିଁ । କଣରେ ସେ ଆଖିକୁ ଦେଖାଯିବ ଏକଥା ଟିକିଏ ପଚାରିବ ।"

ଅଜସୁଆ ତାଙ୍କଠାରେ ମଧ୍ୟ ବିଦାୟହୋଇ ଆଗକୁ ଚାଲିଲା । ସେ ଗୋଟିଏ ଉଚ୍ଚ ପାହାଡ଼ର ଶିଖର ଦେଶରେ ପହଞ୍ଚିଲା । ସେହିଠାରେ ନିରୋଳାରେ ବସି ଭଗବାନଙ୍କୁ ଧ୍ୟାନକଲା ଓ ନିଜର ଦୁଃଖ ଜଣାଇଲା ।

ତା ଦୁଃଖ ଶୁଣି ଭଗବାନଙ୍କ ହୃଦୟ ତରଳିଗଲା । ଅଜସୁଆକୁ ଶୂନ୍ୟ ବାଣୀ ହେଲା, "ହେ ମଣିଷ, ତୁମର ସୁଖଦିନ ବର୍ତ୍ତମାନ ଆସିଗଲାଣି । ଯାଅ, ଘରକୁ ଫେରିଯାଅ । ସେଣେ ତୁମକୁ ତୁମର ଭାଗ୍ୟ ଅପେକ୍ଷା କରି ବସିଛି ।"

ଅଜସୁଆ ମନେ ମନେ ବହୁତ ଖୁସି ହୋଇ ପୁଣି ପଚାରିଲା । ହେ ସର୍ବ ଶକ୍ତିମାନ୍ ଭଗବାନ୍, ମୋହର ଆଉରି ତିନୋଟି ପ୍ରଶ୍ନ ପଚାରିବାର ଅଛି । ଦୟାକରି ସେ ସବୁର ଉତ୍ତର ଦିଅନ୍ତୁ ।

ପ୍ରଥମ ପ୍ରଶ୍ନ ହେଲା—ନଦୀକୂଳରେ କାହିଁକି ଗୋଟିଏ ମାଛର ବାମପଟ ଆଖିକୁ ଦେଖାଯାଉନାହିଁ ?"

ଦ୍ୱିତୀୟ ପ୍ରଶ୍ନ—ଓକ୍ ଗଛଟିର ଗୋଟିଏ ପାଖ କାହିଁକି ଶୁଖି ଯାଉଅଛି ? ଏବଂ ତୃତୀୟ ପ୍ରଶ୍ନ ହେଲା, "ଚଢ଼ିଆଟି ଭଲ ଭଲ ଖାଦ୍ୟ ଖାଇ ସୁଦ୍ଧା କାହିଁକି ମୋଟା ହୋଇ ପାରୁନାହିଁ ?"

ଶୂନ୍ୟବାଣୀ ପୁଣି ଶୁଭିଲା, "ମାଛଟିର ବାମ ଆଖିରେ ଗୋଟିଏ ବହୁମୂଲ୍ୟ ହୀରା ରହିଛି । ତାକୁ ଯଦି କାଢ଼ି ଦିଆଯାଏ ତେବେ ସେ ଦେଖି ପାରିବ ।

ଓକ୍ ଗଛଟିର ମୂଳରେ ବହୁ ଧନରତ୍ନ ପୋତା ହୋଇ ରହିଛି । ତାକୁ ଯଦି ଖୋଳିକରି ବାହାର କରି ଦିଆଯିବ ତେବେ ଓକ୍ ଗଛଟି ସାରୁଆ ରଙ୍ଗ ହୋଇ ଡାଳପତ୍ରରେ ପୂରି ଉଠିବ ଏବଂ ଚଢ଼ିଆଟି ଯଦି ମଣିଷର ତାଜା ରକ୍ତ ପିଇବ ତେବେ ସେ ମୋଟା ହୋଇ ପାରିବ" ।

Digitized by srujanika@gmail.com

ଭଗବାନଙ୍କର ଶୂନ୍ୟ ବାଣୀ ଶୁଣି ଅନସୂଆ ବହୁତ ଖୁସି ହେଲା । ସେ କାଳ ବିଳମ୍ବ ନକରି ନିଜର ଭାଗ୍ୟ ପରୀକ୍ଷା କରିବା ପାଇଁ ଏକ ମୁଣ୍ଡା ହୋଇ ଘରକୁ ଧାଇଁଲା । ବାଟରେ ନଈଟି ପଡ଼ିଲା । ସେ ଯେତେବେଳେ ନଈର ପାଖରେ ପହଞ୍ଚିଲା ମାଛଟି ପଚାରିଲା, "ମଣିଷ ଭାଇ ବଡ଼ ଆନନ୍ଦରେ ଫେରୁଛ ? ମୋ କଥା କଣ ଭଗବାନଙ୍କୁ ପଚାରିଲ ?

ଅନସୂଆ କହିଲା, "ତମ ବାମ ଆଖିରେ ଗୋଟିଏ ବହୁମୂଲ୍ୟ ହୀରା ଅଛି । ତାକୁ ଯଦି ତୁମେ ବାହାର କରିଦେବ ତେବେ ତୁମକୁ ଦେଖାଯିବ ।

ମାଛ କହିଲା, "ମଣିଷ ଭାଇ, ତୁମେ ଦୟା କରି ମୋ ଆଖିରୁ ସେହି ହୀରାଟି ବାହାର କରିଦିଅ" ।

ଅନସୂଆ ମାଛର ଆଖିରୁ ହୀରା ଖଣ୍ଡିକ ବାହାର କରି ମାଛକୁ ଦେଲା । ମାଛର ଆଖିକୁ ଦେଖାଗଲା । ସେ କହିଲା, ମଣିଷ ଭାଇ, ଏ ହୀରା ଖଣ୍ଡିକ ନେଇ ମୁଁ କଣ କରିବ । ବରଂ ତୁମେ ଏହାକୁ ରଖ, ତୁମର ଉପକାରରେ ଲାଗିବ" ।

ଅନସୂଆ କହିଲା, "ଏ ହୀରା ନେଇ ମୁଁ ବା କଣ କରିବ । ତେଣେତ ମୋର ଭାଗ୍ୟ ମୋତେ ଅପେକ୍ଷା କରି ରହିଛି । ହୀରା ଖଣ୍ଡିଟି ତୁମେ ତୁମ ପାଖରେ ରଖ । ମୁଁ ଚାଲିଲି" ।

ଅନସୂଆର କଥା ଶୁଣି ମାଛଟି ମୁରୁକି ମୁରୁକି ହସିଲା । ହୀରା ଖଣ୍ଡିକ ପାଟିରେ ଧରି ସେ ପାଣି ଭିତରେ ବୁଡ଼ିଗଲା ।

ଅନସୂଆ ଆଗକୁ ବଢ଼ିଲା । ବାଟରେ ଓକ୍ ଗଛ ପଡ଼ିଲା । ଓକ୍ ଗଛକୁ କହିଲା, "ତୁମ ମୂଳରେ ବହୁ ଧନରତ୍ନ ପୋତାହୋଇ ରହିଛି । ତେଣୁ ତୁମେ ଯଦି ତାକୁ ବାହାର କରି ଦେଇ ପାରିବ ତୁମ ଶୁଖିଲା ଅଂଶତକ ପୁଣି ସାଗୁଆ ଡାଳପତ୍ରରେ ପୂରି ଉଠିବ" ।

ଓକ୍ ଗଛ କହିଲା, "ମଣିଷ ଭାଇ, ଦୟାକରି ତୁମେ ଟିକଏ ମୋ ମୂଳକୁ ଖୋଳି ଧନରତ୍ନ ତକ ବାହାର କରିଦିଅ" ।

Digitized by srujanika@gmail.com

ଓକ୍ ଗଛର ଅନୁରୋଧକୁ ଏଡ଼ାଇ ନ ପାରି ଅନସୂଆ ସେହି ଗଛ ମୂଳକୁ ଖୋଳିଲା ଓ ମାଟି ତଳୁ ବହୁମୂଲ୍ୟ ଧନରତ୍ନ ବାହାର କଲା । ଧନରତ୍ନ ବାହାର ଗଲାପରେ ଓକ୍‌ଗଛର ଶୁଖିଲା ଅଂଶତକ ସାଗୁଆ ରଙ୍ଗର ଡାଳପତ୍ରରେ ଛନ୍ ଛନ୍ ହୋଇ ଉଠିଲା । ଓକ ଗଛଟି ଖୁସିରେ କହିଲା, "ମଣିଷ ଭାଇ, ତୁମେ ମୋର ବହୁତ ଉପକାର କରିଛ । ଏ ଧନରତ୍ନ ତୁମେ ନେଇଯାଅ" ।

ଅନସୂଆ କହିଲା, "ଏହାକୁ ମୋର କଣ ହେବ ? ତେଣେ ମୋର ଭାଗ୍ୟ ମୋତେ ଅପେକ୍ଷା କରି ରହିଛି । ଧନତକ ତୁମେ ରଖ । ମୁଁ ଯାଉଛି ।"

--ଅନସୂଆର କଥା ଶୁଣି ଓକ୍ ଗଛ ହସିଲା ।

ଅନସୂଆ ଆଗକୁ ବଢ଼ିଲା । ବାଟରେ ଗଧିଆ ତାକୁ ଅପେକ୍ଷା କରିଥିଲା । ତାକୁ ଦେଖି ଗଧିଆ ପଚାରିଲା, "ମଣିଷ ଭାଇ, ମୋ ସମ୍ବନ୍ଧରେ ଭଗବାନ କ'ଣ କହିଲେ ?"

ଅନସୂଆ କହିଲା, "ମୁଁ ତୁମର ଦୁଃଖ ଭଗବାନଙ୍କୁ ଜଣାଇଲି । ଭଗବାନ କହିଲେ ଭଲ ଭଲ ଜିନିଷ ଖାଇଲେ କ'ଣ ହେବ, ଯେତେଦିନ ପର୍ଯ୍ୟନ୍ତ ଗଧିଆଟି ମଣିଷର ତାଜା ରକ୍ତ ନ ପିଇଛି ସେ ମୋଟା ହୋଇ ପାରିବ ନାହିଁ ।"

ଅନସୂଆର ମୁଁହରୁ ଏତିକି ଶୁଣି ଗଧିଆଟି ଆଉ କାଳ ବିଳମ୍ବ ନକରି ତା'ଉପରକୁ ଝାମ୍ପ ମାରିଲା । ଅନସୂଆ ତଳେ ପଡ଼ିଗଲା । ଗଧିଆଟି ତା'ର ତୋଟି ଫୁଟାଇ ତାଜା ରକ୍ତ ପିଇଦେଇ ଚାଲିଗଲା ।

ତା ପରଦିନ ଗାଈଆଳ ପିଲାମାନେ ବଣ ଭିତରେ ଅନସୂଆର ମଲା ଶରୀର ଦେଖି ଗାଁକୁ ଉଠାଇ ନେଇଗଲେ । ତା ମଲା ଦେହ ଦେଖି ଗାଁର ଜଣେ ପୁରୁଖା ବୁଢ଼ା କହିଲା, "ଯେଉଁ ଲୋକ ସୁଯୋଗ ଓ ସୁବିଧାକୁ ଉପେକ୍ଷା କରି ଭାଗ୍ୟ ପଛରେ ଦୌଡ଼ିବୁଲେ ତା'ର ଅବସ୍ଥା ଏହି ଭଳି ମରି ପଡ଼ିଥିବା ଅନସୂଆ ଲୋକଟି ଭଳି ହୁଏ ।"

●

Digitized by srujanika@gmail.com

ଭାଲୁଆ ଡାକ୍ତର ଠେକୁଆ ରୋଗୀ

କୌଣସି ଗୋଟିଏ ଜଙ୍ଗଲରେ ଭାଲୁଟିଏ ରହୁଥିଲା । ଭାଲୁଟି ବହୁତ ବୁଢ଼ା ହୋଇ ଯାଇଥିଲା । ସେ ଥିଲା ଭାରି ଭଦ୍ର ଓ ସାଧୁ ପ୍ରକୃତିର । ଥରକର ସେ ବଣ ଭିତରେ ବୁଲୁଥାଏ । ହଠାତ୍ ଘାସ ବୁଦା ଭିତରେ ଲୁଚି ରହିଥିବା ଗୋଟିଏ ଠେକୁଆର ଗୋଡ଼ ଉପରେ ତା'ର ଗୋଡ଼ ବାଜିଗଲା । ଠେକୁଆ ପାଟିକରି ଉଠିଲା, "ମରିଗଲି, ମରିଗଲି ....."

ଠେକୁଆର ପାଟିଶୁଣି ଭାଲୁର ମନଟା ଦୁଃଖରେ ପୂରିଗଲା । ସେ ଠେକୁଆକୁ କହିଲା, "ଠେକୁଆଭାଇ, ମୁଁ ବଡ଼ ଦୁଃଖିତ । ନଜାଣି ତୁମ ଦେହରେ ଗୋଡ଼ଟା ପକାଇ ଦେଲି । ମୋତେ କ୍ଷମା କରିବ ।"

ଠେକୁଆ କହିଲା, "ମୋ ଉପରେ ତୁମ ଗୋଡଟି ବାଜି ମୋ ଗୋଡ଼ଟି ଭାଙ୍ଗି ଯାଇଛି । ଏବେ ମୁଁ ବୁଲିବି କେମିତି ? ମୋତେ ଖାଇବାକୁ ଦେବ କିଏ ?"

ଭାଲୁ କହିଲା, "କିଛି ଚିନ୍ତା କରନାହିଁ । ମୁଁ ତୁମକୁ ମୋ ଘରକୁ ନେଇଯିବି । ଘରେ ପଟି ବାନ୍ଧି ତୁମର ସେବା କରିବି ।"

ଭାଲୁଟି ଠେକୁଆକୁ କାନ୍ଧରେ ବୋହି ନିଜ ଘରକୁ ନେଲା । ଘରେ ତାକୁ ଶୁଆଇଦେଇ ତା ଗୋଡ଼କୁ ଘଷି ପଟି ବାନ୍ଧିଦେଲା । ଠେକୁଆଟି ମଧ୍ୟ ମିଛରେ ବଡ଼କଷ୍ଟ ହେଉଛି ବୋଲି ଅଭିନୟ କରୁଥାଏ । ତା କଷ୍ଟ ଦେଖି ଭାଲୁର ମନ ଦୁଃଖରେ ପୂରିଯାଉଥାଏ ।

ଏହିଭଳି କେତେଦିନ ବିତିଗଲା । ଭାଲୁ ପ୍ରତିଦିନ ଠେକୁଆକୁ ପଚାରେ, "ଠେକୁଆ ଭାଇ ଆଜି କିପରି ଲାଗୁଛି ?

ଠେକୁଆ କହେ, ଆଗ ଭଳିଆ ଭାଲ୍ଲ ବରଂ ଟିକିଏ ଭଲ ଲାଗୁଥିଲା ହେଲେ ଆଜିତ ଆହୁରି କଷ୍ଟ ହେଉଛି । ମୁଁ କଣ କରିବି ଉଠିବାକୁ ବି ବଳ ପାଉନାହିଁ ।

Digitized by srujanika@gmail.com

ବରଗ ଭାଲୁ ଆହାର ଖୋଜିବା ପାଇଁ ଚାଲିଯାଏ । ଭାଲୁ ଗଲାପରେ ଠେକୁଆଟି ଗୋଡ଼ରୁ ପଟିଖୋଲି ଦେଇ ବଣରେ ବୁଲେ । ଭାଲୁର ଫେରିବା ସମୟ ହେଲେ ପୁଣି ଘରକୁ ଫେରି ଆସି ଗୋଡ଼ରେ ପଟି ବାନ୍ଧିଦିଏ ଓ ଶୋଇପଡ଼େ ।

ଏହିପରି କିଛିଦିନ ଗଲା । ଠେକୁଆଟି ଖାଇପିଇ ଆଗଅପେକ୍ଷା ବହୁତ ମୋଟା ହୋଇଗଲା । ଦିନେ ସେ ଭାଲୁ ଉପରେ ରାଗିଯାଇ କହିଲା, "କଣ ଭାଲୁ ଭାଇ, ସବୁଦିନ ତୁମକୁ ଖାଲି ଗାଜର ଏକା ମିଳୁଛି, ଆଉ କିଛି ପାଉନାହଁ ? ଗାଜର ଖାଇ ଖାଇ ମୋ ପାଟିଟା ପିଟା ଲାଗିଲାଣି । ଯେବେ ମୁଁ ଚଲାବୁଲା କରୁଥାଆନ୍ତି ତେବେ ଇଚ୍ଛା ମୁତାବକ ଫଳମୂଳ ସଂଗ୍ରହ କରି ଖାଉଥାନ୍ତି । କିନ୍ତୁ ଏଠିଖାଲି ଗୋଟିଏ ପ୍ରକାରର ଖାଇବା ଦରବ ଖାଇ ଖାଇ ଛଟପଟ ହେବା କଥା । ମୋ ପାଇଁ କିଛି ଫଳମୂଳ ମହୁ ଆଦି ନେଇ ଆସ ।"

ଠେକୁଆର କଥା ଶୁଣି ଭାଲୁଟି ଫଳ ଓ ମହୁ ଖୋଜିବା ପାଇଁ ଆହୁରି ନିଘଞ୍ଚ ଜଙ୍ଗଲକୁ ଚାଲିଗଲା । ବାଟରେ ତା'ର ଗୋଟିଏ ବିଲୁଆ ସହିତ ଦେଖା ହେଲା । ବିଲୁଆ ପଚାରିଲା, "ଭାଲୁ ଭାଇ, କୁଆଡ଼େ ବାହାରିଲ ? ଆଜିକାଲିତ ତୁମର ଦେଖା ଦର୍ଶନ ମିଳୁନାହିଁ । ଭାରି ବ୍ୟସ୍ତ ଥିଲା ଭଳି ଜଣାପଡ଼ୁଛି ।"

ଭାଲୁ କହିଲା, "କଣ କହିବି ଭାଇ, ମୋ ଘରେ ଆଜିକାଲି କେତେମାସ ହେଲା ଠେକୁଆଟିଏ ବେମାର ପଡ଼ିଛି । ଗାଜର ଖାଇ ଖାଇ ତାକୁ ଆଉ ଭଲ ଲାଗୁ ନ ଥିବାରୁ ମହୁ ଓ ଫଳ ଆଣିବାପାଇଁ ମୋତେ ପଠାଇଛି । ସେ ସବୁ ସଂଗ୍ରହ କରିବାପାଇଁ ଯାଉଛି ।"

ବିଲୁଆ ହସିଲା । ସେ କହିଲା, "ଭାଲୁଭାଇ, ଦେଖୁଛି ତୁମେ ବଡ଼ ବୋକା । ଠେକୁଆ ଯଦି ବେମାର ଅଛି ତେବେ ଫଳଅଉ ମହୁର ଦରକାର କଣ । ତା'ପାଖକୁ ଡାକ୍ତର ନେଇଯାଅ । ଡାକ୍ତର ଚିକିତ୍ସା କରି ତାକୁ ଭଲ କରିବ ।"

"ଡାକ୍ତର ମୁଁ କେଉଁଠୁ ପାଇବି ?" ଭାଲୁ କହିଲା ।

Digitized by srujanika@gmail.com

—"ମୋତେନେଇ ଚାଲ । ମୁଁ ବି ଡାକ୍ତରୀ ବିଦ୍ୟା ଜାଣେ । ଠେକୁଆ ମୋତେ ଦେଖିବାକ୍ଷଣି ଭଲ ହୋଇଯିବ ।"

ବଲୁଆ କଥା ଶୁଣି ଶାଲୁ ଖୁସିହେଲା । ସେ ତାକୁ ସାଙ୍ଗରେ ନେଇ ଘରକୁ ଫେରିଲା । ଘରେ ଠେକୁଆଟି ବଲୁଆକୁ ଯେମିତି ଦେଖିଛି ଭୟରେ ଥରିବାକୁ ଲାଗିଲା ।

ବଲୁଆ ଠେକୁଆର ମୁହଁକୁ ଟିକଏ କଣେଇଁ ଚାହିଁ ଶାଲୁକୁ କହିଲା, "ଶାଲୁଭାଇ, ଠେକୁଆ ତ ଖୁବ୍ ବେମାର ଅଛି । ଦେଖୁନ ସେ କେମିତି ଥରୁଛି । ତାକୁ ଶର୍ଦ୍ଦି ହୋଇଛି । ଏ ବେମାରକୁ ଜଣେ ସାମାନ୍ୟ ଡାକ୍ତର ଭଲକରି ପାରିବେନାହିଁ । ଠେକୁଆକୁ ମୋ ସାଙ୍ଗରେ ଡାକ୍ତର ଖାନା ପଠାଇଦିଅ । ଡାକ୍ତର ଖାନାରେ ମୋର ଜଣେ ଘନିଷ୍ଠ ବନ୍ଧୁ ମହାବଳବାଘ ଜଣେ ଡାକ୍ତର ରୂପେ ରୋଗୀ ମାନଙ୍କର ଚିକିତ୍ସା କରୁଛନ୍ତି । ଦୁହେଁଯାକ-ମିଶି ଠେକୁଆର ଚିକିତ୍ସା କରିବୁଁ ।

ବଲୁଆର କଥାଶୁଣି ଠେକୁଆର ଭୟ ବଢ଼ିଲା । ସେ ସଙ୍ଗେ ସଙ୍ଗେ ଡେଇଁପଡ଼ି ଜଙ୍ଗଲ ବେଗରେ ଧାଇଁ ପଳାଇଲା ।

ବଲୁଆ ଠୋ ଠୋ ହୋଇ ହସି ଉଠିଲା । ସେ କହିଲା, "ଦେଖିଲ ଶାଲୁଭାଇ, ଠେକୁଆ କେମିତି ମୋତେ ଦେଖିଲାକ୍ଷଣି ଭଲ ହୋଇଗଲା ।"

ଶାଲୁ ବହୁତ ଖୁସିହେଲା । ସେ କହିଲା, "ଯାହା ହେଉ ବଲୁଆଭାଇ, ଏତେଦିନ ପରେ ଆଜି ଜାଣିଲି ଯେ, ତୁମେ ଜଣେ ଭଲ ଡାକ୍ତର । ରୋଗୀ ତୁମକୁ ଦେଖିଲା କ୍ଷଣି ଭଲ ହୋଇ ଯାଉଅଛନ୍ତି । ମୁଁ ତୁମକୁ ଧନ୍ୟବାଦ ଜଣାଉଛି ।"

ବଲୁଆ ବିଦାୟ ନେଲା । ଶାଲୁ ଏଥର ଠେକୁଆର ଚିନ୍ତାରୁ ମୁକ୍ତି ପାଇଲା ।

Digitized by srujanika@gmail.com

ସାପର ପରାଜୟ

ଥରେ ଅତିଭୟଙ୍କର ସାପଟିଏ ଆସି ଗୋଟିଏ ପାହାଡ଼ର ଉପରେ ଆଶ୍ରୟ ନେଲା । ସାପଟି ଥିଲା ଅତି ବିଶାଳ । ସେ ହାଁ କରିଦେଲେ ପାଟିରୁ ନିଆଁ ବାହାରି ପଡୁଥିଲା । ଜୋର୍‌ରେ ନିଶ୍ୱାସ ମାରିଲେ ଏତେ ଜୋର୍‌ରେ ପବନ ବହୁଥିଲା ଯେ, ଗଛଲତା ସବୁ କଟି ଉପୁଡ଼ି ପଡୁଥିଲା । ସାପଟି ଯେଉଁ ପାହାଡ଼ ଉପରେ ଆଶ୍ରୟ ନେଇଥିଲା ସେହି ପାହାଡ଼ ତଳେ ଗାଁଟିଏ ଥିଲା । ପାହାଡ଼ ଉପରୁ ପାଟିକରି ସେ ଗାଁ ଲୋକଙ୍କୁ କହିଲା, "ଗ୍ରାମବାସୀ- ଶୁଣିରଖ । ପ୍ରତିଦିନ ତୁମମାନଙ୍କ ମଧ୍ୟରୁ କେହିନା କେହି ମୋ ପାଇଁ ଛେଳିଟିଏ କିମ୍ବା ଘୁଷୁରିଟିଏ ଆଣି ପହଞ୍ଚାଇ ଦିଅ । ନହେଲେ ତୁମ ଗାଁକୁ ଜାଳିପୋଡ଼ି ଛାରଖାର କରିଦେବି" ।

ଗାଁ ଲୋକମାନେ ସାପକଥା ଶୁଣି ଡରିଗଲେ । ସେମାନେ ପାଳି ପାଳି ଘୁଷୁରି କିମ୍ବା ଛେଳିଟିଏ ପ୍ରତିଦିନ ତା ପାଖକୁ ପଠାଇଲେ ।

କିଛି ଦିନ ଗଲାପରେ ସେ ଗାଁରେ ଛେଳି ଆଉ ଘୁଷୁରି ତକ ସରିଗଲେ । ଲୋକମାନେ ଏଣିକି ବଡ଼ ଚିନ୍ତାରେ ପଡ଼ିଲେ । ସେମାନେ ଗାଁ ଛାଡ଼ି ଚାଲିଯିବା ପାଇଁ ଇଚ୍ଛା କଲେ । କିନ୍ତୁ ସେମାନେ ଯିବେ ବା କେଉଁଠିକି ? ଯେଉଁ ଆଡ଼କୁ ଗଲେ ବି ସାପଟି ପାହାଡ଼ ଉପରେ ଥାଇ ଦେଖି ପାରିବ । ଉପାୟ ନ ପାଇଁ ସେମାନେ ଦିନ ରାତି କାନ୍ଦିବାକୁ ଲାଗିଲେ ।

ଦିନେ ସେହି ବାଟଦେଇ ଗ୍ରିସିଲ୍ ନାମକ ଜଣେ ସାହାସୀ ଯୁବକ ଘୋଡ଼ାରେ ବସି ଯାଉଥିଲେ । ଗାଁ ଲୋକଙ୍କ କାନ୍ଦ ତା କାନରେ ବାଜିଲା । ସେ ଘୋଡ଼ାକୁ ଗାଁ ଆଡ଼କୁ ମୁହାଁଇ ସବୁକଥା ପଚାରିଲା । ଲୋକମାନେ କାନ୍ଦି କାନ୍ଦି ନିଜର ଦୁଃଖ ତାକୁ ଜଣାଇଲେ ।

ଗ୍ରିସିଲ୍ ସେମାନଙ୍କୁ ସାହାସ ଦେଇ କହିଲା ଯେ, ସେ ସାପଟିକୁ ନିଶ୍ଚିତ ରୂପେ ମାରିଦେବ । ଏହାପରେ ସେ ଠେଙ୍ଗାଟିଏ ଧରି ପାହାଡ଼

Digitized by srujanika@gmail.com

ଉପରକୁ ଗଲା । ପାହାଡ଼ ଉପରେ ସାପଟି ଫଣା ଟେକି ରହିଥାଏ । ସେ ଭସିଲ୍‌କୁ ଦେଖି କହିଲା, "କହୋ, ଠେଙ୍ଗାଟିଏ ଧରି ତୁମେ କୁଆଡ଼େ ଆସିଲ ?"

ଭସିଲ୍ କହିଲା, " ଏଠେଙ୍ଗାରେ ପିଟି ପିଟି ମାରି ଦେବା ପାଇଁ ଆସିଲି" ।

ସାପ ତା କଥା ଶୁଣି ହସିଲା । ସେ କହିଲା, ତୁମେ ବୋଧହୁଏ ମୋର ଶକ୍ତି କେତେ ଜାଣି ନାହଁ । ମୁଁ ଯଦି ଥରେ ଜୋର୍ ଦେବି ତାହାହେଲେ ମୋ ପାଟିରୁ ନିଆଁ ବାହାରି ସବୁ ଘରଦ୍ୱାର ପୋଡ଼ିଯିବ । ଯଦି ଜୋର୍‌ରେ ନିଶ୍ୱାସ ଛାଡ଼ିବି ତେବେ ଖୁବ୍ ଜୋର୍‌ରେ ପବନ ବୋହିବ । ଗଛଗୁଡ଼ାକ ଉପୁଡ଼ି ପଡ଼ିବ ଓ ତୁମେ ବି କବ୍ଲଡ଼ ହୋଇ ପଡ଼ିବ ।"

ଭସିଲ୍ କହିଲା, "ଚୁପ୍‌କର୍, ବଡ଼ି ବଡ଼ି କଥା କୁହ ନାହିଁ । ତୁମ ଭଳି ଶକ୍ତିଶାଳୀ ପ୍ରାଣୀ ମୁଁ କେତେ ଦେଖିଛି" ।

ତା କଥା ଶୁଣି ସାପ ରାଗିଗଲା । ସେ ଜୋର୍‌ରେ ନିଶ୍ୱାସ ଛାଡ଼ିଲା । ତା'ଙ୍କର ନିଶ୍ୱାସରେ ପାହାଡ଼ର ଆଖପାଖ ସବୁଆଡ଼େ ଧୂଳି ଉଠିଲା । ଗଛ ଗୁଡ଼ିକର ଡାଳସବୁ କଡ଼ ମଡ଼ ହୋଇ ଭାଙ୍ଗି ପଡ଼ିଲା । ଭସିଲ୍ କିନ୍ତୁ ସେତେବେଳେ ଗୋଟିଏ ମସ୍ତବଡ଼ ପଥର ତଳେ ଆଣ୍ଠୁମାଡ଼ି ହୋଇ ବସିଲା । ତାର କୌଣସି କ୍ଷତି ହେଲା ନାହିଁ ।

ଧୀରେ ଧୀରେ ଝଡ଼ କମିଗଲା । ଭସିଲ୍ ସାପ ପାଖକୁ ଯାଇ କହିଲା, "ଏ ସାମାନ୍ୟ ପବନକୁ ତୁମେ ଝଡ଼ ବୋଲି କହୁଛ । କାହିଁ ମୁଁ ତ କିଛି ଅନୁଭବ କରି ପାରିଲି ନାହିଁ । ଏଥର ମୋର ବଳକୁ ଦେଖ । ମୁଁ ଯେବେ ଜୋର୍‌ରେ ପାଟି କରିଦେବି ତେବେ ତୁମ ମୁଣ୍ଡ ଫାଟିଯିବ । ତୁମେ ତୁମ ଆଖି ବି ହରାଇ ବସିବ । ତେଣୁ ତୁମେ ପ୍ରଥମେ ତୁମର ଆଖି ଦୁଇଟିକୁ ଜୋର୍ କରି ବାନ୍ଧିଦିଅ । ନହେଲେ ମୋ ଶବ୍ଦ ଶୁଣିଲେ ପରେ ତୁମର ବହୁତ କ୍ଷତି ହେବ" ।

Digitized by srujanika@gmail.com

ଭାସିଲ୍ ତା ଗାମୁଛାରେ ସାପର ଆଖିକୁ ଜୋର୍‌ରେ ବାନ୍ଧିଦେଲା । ସେ ତାର ଠେଙ୍ଗାଟିରେ ସାପର ମୁଣ୍ଡ ଉପରେ ଖୁବ୍ ଜୋର୍‌ରେ ପାହାର ପିଟିଦେଲା । ମାଡ଼ ଖାଇ ସାପର ଆଖିରୁ ନିଆଁ ବାହାରି ପଡ଼ିଲା । ସେ ମୂର୍ଚ୍ଛା ହୋଇଗଲା ।

ଭାସିଲ୍ ସାପ ଆଖିରୁ ଗାମୁଛା ଖୋଲିଦେଲା । ତା ମୁଣ୍ଡରେ ପାଣି ଛିଞ୍ଚିଲା । ସାପର ଚେତା ଆସିଲା ପରେ କହିଲା, "କେମିତି ଲାଗୁଛି ? ତୁମେ ଗାମୁଛା ଖଣ୍ଡିକ ଆଖିରେ ବାନ୍ଧିଥିଲ ବୋଲି ରକ୍ଷା ପାଇଲ । ନହୁବା ମୋ ଚଡ଼ ଶୁଣି ସବୁଦିନ ପାଇଁ ତୁମେ ମରି ଶୋଇଥାନ୍ତ" ।

ସାପ ମନେ ମନେ ଭାବିଲା, ଭାସିଲ୍ ନିଶ୍ଚିତ ରୂପେ ତା'ଠାରୁ ଭାରି ବଳୁଆ ନହୁବା ତା ରଡ଼ ବାଡ଼ରେ ସେ ମୂର୍ଚ୍ଛା ହୋଇ ଯାଇ ନଥାନ୍ତା । ସେ ଭାସିଲ୍‌କୁ ଭାରି ଭୟ କଲା ।

ଭାସିଲ୍ ତଳେ ପଡ଼ିଥିବା ପଥର ଖଣ୍ଡିକ ଗୋଟାଇ ସାପକୁ କହିଲା, "ଏହାକୁ ତୁମେ ଖୁବ୍ ଜୋର୍‌ରେ ଚିପିଦେଇ ପାଣି ବାହାର କର ।"

—ସାପଟି ପଥର ଖଣ୍ଡିକ ଚିପି ଦେବାରୁ ଗୁଣ୍ଡ ହୋଇଗଲା ।

ଭାସିଲ୍ ହସିଲା । ସେ କହିଲା, "ପଥର ଖଣ୍ଡିକ ଯେ କେହି ଗୁଣ୍ଡ କରିଦେବ । ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି । କିନ୍ତୁ ପଥର ଖଣ୍ଡିକରୁ ତୁମେ ପାଣିଟିକେ ବାହାର କରି ପାରିଲ ନାହିଁ । ଏବେ ଦେଖ ମୁଁ କେମିତି ପଥରରୁ ପାଣି ବାହାର କରି ଦେଉଛି" ।

ସେତେବେଳେ ସନ୍ଧ୍ୟା ହୋଇ ଆସୁଥାଏ । ସାପକୁ ଭଲ ଭାବରେ ଦେଖା ଯାଉନଥାଏ । ଭାସିଲ୍ ତା ଅଗଣ୍ଠେ ପଥରଟିଏ ମୁଠାକରି ଧରିଲା । ତା ମୁଣାରେ ଆଗରୁ ଖାଇବା ପାଇଁ ଛେନାଥିଲା । ସେ ଛେନା ମୁଣ୍ଡାଟିଏ ହାତରେ ଧରି ଚିପୁଡ଼ି ଦେଲା । ଦେଖୁ ଦେଖୁ ତା ହାତରୁ ପାଣି ଝରି ପଡ଼ିଲା । ଏସବୁ ଦେଖି ସାପର ଆଖି ଖୋସି ହୋଇଗଲା । ଶେଷରେ ଚୋଷାମଦକାରୀଙ୍କ ଭଳି ସେ ଭାସିଲ୍‌କୁ କହିଲା, "ଭାସିଲ୍ ଆଜଠୁଁ ତୁମେ ମୋର ବନ୍ଧୁ ହେଲ । ତୁମର ଧନରତ୍ନ ଆଦି ଯେ କୌଣସି ଜିନିଷ ଦରକାର ହେଲେ ମୋତେ କହିବ । ମୁଁ ସେ ସବୁ ତୁମକୁ ଆଣି ଦେବି ।"

Digitized by srujanika@gmail.com

ଘସିଲ୍ କହିଲା, "ମୋତ କୌଣସି ଜନ୍ତୁର ଅଭାବ ନାହିଁ । କୌଣସି ଜନ୍ତୁର ଦରକାର ହେଲେ ମୁଁ ମୋ ଶକ୍ତି ବଳରେ ଆଣି ପାରିବି । ଯଦି ଅବିଶ୍ୱାସ କରୁଛ ବୁଲିବ ମୋ ସାଙ୍ଗରେ, ଆମ ଘରୁ ବୁଲିକି ଆସିବ । ଆମ ଘରେ କେତେ ଧନ ରତ୍ନ ଖୁନ୍ଦିହୋଇ ରହିଛି ଦେଖିଲେ ତୁମ ଆଖି ଝଲସି ଯିବ ।"

ସାପର ବି ଇଚ୍ଛା ହେଲା ଘସିଲ୍‌ର ଘରୁ ବୁଲି ଆସିବା ପାଇଁ । ସେ ଘସିଲ୍‌ର ଘରକୁ ବୁଲିବାକୁ ବାହାରିଲା ।

କିଛିବାଟ ଚାଲାପରେ ସାପକୁ ଖାଇ ଭୋକ ହେଲା । ସାପ କହିଲା, "ଘସିଲ୍, ମୋତେ ଖାଇ ଭୋକ ହେଉଛି । ମୋ' ପାଇଁ ବାଛୁରି-ଟିଏ ଆଣିଦିଅ ।"

ଘସିଲ୍ କହିଲା, "ତୁମେ ଏଇଠି ଗଛମୂଳେ ବସିଥାଅ । ମୁଁ ବାଛୁରିଟିଏ ଆଣୁଛି ।"

ସାପଟି ଗଛମୂଳେ ରହି ଅପେକ୍ଷା କଲା । ଘସିଲ୍ ବୁଲି ବୁଲି ବାଛୁରି ଟିଏ ପାଇଲା । ସେ ସାପ ପାଖକୁ ନ ଯାଇ ବାଛୁରି ପାଖରେ ବସି ରହିଲା ।

ଘସିଲ୍ ଫେରିବାର ବିଳମ୍ବ ଦେଖି ସାପଟି ନିଜେ ତାକୁ ଖୋଜିବାକୁ ଗଲା । ସେ ଦେଖିଲା ଘସିଲ୍ ଗୋଟିଏ ଜାଗାରେ ବସିଛି । ତା ପାଖରେ ବାଛୁରିଟିଏ ବନ୍ଧା ହୋଇ ରହିଛି ।

ସାପ ତାକୁ କହିଲା, "କଣ ଚିନ୍ତା କରୁଛ ? ବାଛୁରି ଟିକୁ ଆଣ । ଦେଖାଇ କରି ଦୁହେଁ ଖାଇବା ।"

ଘସିଲ୍ କହିଲା, "ଗୋଟିଏ ବାଛୁରି କ'ଣ ହେବ । ଏହାତ ମୋର ପାଟିରେ ଲାଗିବ ନାହିଁ । ମୁଁ ଆଜି ଦଶ ପନ୍ଦରଟି ବାଛୁରି ଖୋଜୁଥିଲି । ତେଣୁ ତୁମେ ନିଅ । ଏହାକୁ ଖାଇଦିଅ ।"

Digitized by srujanika@gmail.com

ଭାସିଲ୍ ଠାରୁ ବାହୁଡ଼ି ଆସି ସାପଟି ଏକା ଏକା ଜଳ ମନ୍ଥ କରି ଖାଇ ଦେବା । ତା ପରେ ଦୁହେଁ ଯାକ ଭାସିଲ୍‌ର ଘରକୁ ବାହାରିଲେ । ଚାଲି ଚାଲି ବହୁବାଟ ଗଲାପରେ ସେମାନେ ଘରେ ପହଞ୍ଚିଲେ । ସେତେବେଳେ ଭାସିଲ୍‌ର ଛୋଟ ଛୋଟ ପୁଅ ଝିଅ ଅଗଣାରେ ଖେଳୁଥିଲେ । ଭାସିଲ୍‌କୁ ଦେଖି ସେମାନେ ଖୁସିରେ ପାଟିକରି ଉଠିଲେ, "-ବାପା ଆସିଗଲେ, ବାପା ଆସିଗଲେ ।"

ପିଲାମାନଙ୍କ କଥା ସାପକୁ ଭଲ ଭାବରେ ଶୁଣାଗଲା ନାହିଁ । ତେଣୁ ସେ ଭାସିଲକୁ ପଚାରିଲା, "ପିଲାମାନେ କ'ଣ କହୁଛନ୍ତି ?"

ଭାସିଲ କହିଲା, "ସେମାନେ ସମସ୍ତେ ଭାରି ଖୁସିହେଉଛନ୍ତି । କାରଣ ମୁଁ ତୁମକୁ ସେମାନଙ୍କର ଜଳଖିଆ ଉଦ୍ଦେଶ୍ୟରେ ନେଇ ଆସିଛି । ସେମାନେ ତୁମକୁ ଖାଇବା ପାଇଁ ଅପେକ୍ଷା କରି ରହିଛନ୍ତି ।"

ଭାସିଲ୍‌ର କଥାଶୁଣି ସାପ ଭୟରେ ଥରିଲା । ସେ ଦୌଡ଼ ପଳାଇଲା । ପାଖରେ ଗୋଟିଏ କୂଅ ଥିଲା । କୂଅଟି ପଙ୍କରେ ଭର୍ତ୍ତି ହୋଇଥିଲା । ସାପଟି ଜୀବନ ଭୟରେ କୂଅ ଭିତରରେ ଥିବା ପଙ୍କ ଭିତରକୁ ପଶିଗଲା । ପଙ୍କ ଭିତରେ ସେ ଆଉ ନିଶ୍ୱାସ ନେଇ ପାରିଲା ନାହିଁ । ସେ ଅଣନିଶ୍ୱାସୀ ହୋଇ ମରିଗଲା ।

ଭାସିଲ୍‌ର ବୁଦ୍ଧି ଯୋଗୁଁ ଗାଁ ଲୋକମାନେ ସାପ ମୁହଁରୁ ରକ୍ଷା ପାଇଲେ ।

Digitized by srujanika@gmail.com

ପବନ ଓ ଗରିବ ବୁଢ଼ା

ବୁଢ଼ାଟିଏ ଆଉ ବୁଢ଼ୀଟିଏ କୌଣସି ଗୋଟିଏ ଗାଁରେ ରହୁଥିଲେ । ସେମାନେ ଭାରି ଗରିବ । ବେଳେ ତାଙ୍କୁ ଆଉ ବେଳଟିଏ ଉପାସ ରହିବାକୁ ପଡ଼ୁଥିଲା ।

ଦିନେ ବୁଢ଼ୀ କୌଣସି ଜଣେ ଲୋକ ଘରେ କାମ କରି ଗହମ ଟୋକେଇଟିଏ ଆଣିଲା । ସେ ଗହମ ଟୋକେଇଟିକୁ ବୁଢ଼ାକୁ ଦେଇ କହିଲା, "ଆଜି ରୁଟି ଖାଇବା ପାଇଁ ଭାରି ଇଚ୍ଛା ହେଉଛି । ଏ ଗହମ ଟୋକେଇଟିକୁ ନେଇ କଳରେ ପେଷି ଆଣ ।

ବୁଢ଼ା ଗହମ ଟୋକେଇଟିକୁ ନେଇ ସହରକୁ ଗଲା । ଗହମତକ କଳରେ ପେଷାଇ ସହରରୁ ସେ ଯେତେବେଳେ ଘରକୁ ଫେରିଲା । ସେତେବେଳେ ଜୋରରେ ପବନ ବୋହିଲା । ଦେଖୁ ଦେଖୁ ଅଟାତକ ବାଟରେ ଉଡ଼ିଗଲା । ବୁଢ଼ା ମନ ଦୁଃଖରେ ଭାଙ୍ଗି ପଡ଼ିଲା । ସେ ଖାଲି ହାତରେ ଆସି ଘରେ ପହଞ୍ଚିଲା । ବୁଢ଼ୀକୁ ସବୁ କଥା କହିଲା ।"

ବୁଢ଼ୀ ଛାଡ଼ିବା ଲୋକ ନୁହେଁ । ସେ କହିଲା, "ଆମେ ପରିଶ୍ରମ କରି ଗହମତକ ଆଣିଛୁ । ସିଏ କାହିଁକି ଆମର ଖାଇବା ବରବତକ ଉଡ଼ାଇ ନେବ ।"

ସେ ବୁଢ଼ାକୁ ପବନ ପାଖକୁ ପଠାଇ କହିଲା, "ତୁମେ ପବନ ପାଖକୁ ଯାଅ । ତାକୁ କହିବ ଯେ, ଆମ ଅଟାତକ ଫେରାଇ ଦେବ ।"

ପବନକୁ ଖୋଜିବା ପାଇଁ ବୁଢ଼ା ତାର ବାଡ଼ି ଖଣ୍ଡିକ ଠୁକେଇ ଠୁକେଇ ଆଗକୁ ବଢ଼ିଲା । ବହୁବାଟ ଚାଲିଲାପରେ ଜଙ୍ଗଲଟିଏ ପଡ଼ିଲା । ଜଙ୍ଗଲ ଭିତରେ ବୁଢ଼ା ଦେଖିଲା ମାଟି ଝାଟିର କୁଡ଼ିଆ ଘରଟିଏ । କୁଡ଼ିଆ ଆଗରେ କେଉଁ କାଳର ବୁଢ଼ୀଟିଏ ବସିଛି ।

Digitized by srujanika@gmail.com

ବୁଢ଼ାକୁ ଦେଖି କୁଡ଼ିଆ ଆଗରେ ବସିଥିବା ବୁଢ଼ୀଟି କହିଲା, "ବାପ, କେଉଁଥି ପାଇଁ ଏ ଜଙ୍ଗଲ୍ ଭିତରକୁ ଆସିଛୁ ?

ବୁଢ଼ା କହିଲା, "ମାଉସୀ, ଆମେ ହେଉଛୁ ଗରିବ ଲୋକ । କେବେ ଖାଇଲେ ଆଉ କେବେ ଉପାସ ରହୁଁ । ମୁଁ କିଛି ଅଟା ନେଇ ଘରକୁ ଫେରୁଥିବା ବେଳେ ପବନ ସେ ସବୁକୁ ଉଡ଼ାଇ ନେଲା । ମୋ ଅଟାତକ ଫେରି ପାଇବା ପାଇଁ ମୁଁ ପବନକୁ ଖୋଜୁଛି ।"

ବୁଢ଼ୀ କହିଲା, "ମୁଁ ପବନର ମା । ପବନ ଏ ଘରର ପଛପଟେ ଖେଳୁଛି । ଯା ତାକୁ ତୋ ଦୁଃଖ ଜଣାଇବୁ ।"

ବୁଢ଼ା ଘରର ପଛପଟକୁ ଗଲା । ସେଠାରେ ଛୋଟ ପିଲାଟିଏ ଖେଳୁଥାଏ । ସେ ତାକୁ ନିଜର ଦୁଃଖ ଜଣାଇଲା ।

ପବନ କହିଲା, "ବୁଢ଼ା, ମୁଁ ବଡ଼ ଦୁଃଖିତ । କାରଣ ଖେଳୁଥିବା ବେଳେ ମଜାରେ ମଜାରେ ତୋ ଅଟାତକ ଉଡ଼ାଇ ନେଲି । ତୋ ଅଟାତକ ଆଉ ଫେରି ପାଇବୁ ନାହିଁ । ତା ବଦଳରେ ମୁଁ ଗୋଟିଏ କୁହୁକ ଚଦର ତୋତେ ଦେଉଛି । ଚଦରକୁ ତଳେ ବିଛାଇ ଦେଇ ତୁ ଯାହା ଖାଇବାକୁ ମାଗିବୁ ସେ ତୋତେ ଆଣିଦେବ ।"

ବୁଢ଼ା ଚଦରଟିକୁ ଧରି ପବନ ପାଖରୁ ବିଦାୟ ନେଲା । ବାଟରେ ଆସୁ ଆସୁ କୁହୁକ ଚଦରର କରାମତି ଜାଣିବା ପାଇଁ ତାର ଭାରି ଇଚ୍ଛା ହେଲା । ଚଦରଟିକୁ ତଳେ ବିଛାଇ ଦେଇ ସେ କହିଲା, "ହେ କୁହୁକ ଚଦର, ରସଗୋଲା, ମିଠାଇ ଆଦି ଖାଇବାକୁ ମୋର ଭାରି ଇଚ୍ଛା ହେଉଛି । ସେ ସବୁ ତୁ ମୋତେ ଖାଇବାକୁ ଦେ ।"

ଦେଖୁ ଦେଖୁ ଚଦରଟି ରସଗୋଲା, ମିଠାଇରେ ଭର୍ତ୍ତି ହୋଇଗଲା । ବୁଢ଼ାର ଆନନ୍ଦ ଏଥର କହିଲେ ନ ସରେ । ସେ ପେଟ ଭରି ଖାଇ ଆଗକୁ ବଢ଼ିଲା ।

Digitized by srujanika@gmail.com

ଯାଉଁ ଯାଉଁ ଗୋଟିଏ ଗାଁ ପାଖରେ ବୁଢ଼ାକୁ ରାତି ହୋଇଗଲା । ବୁଢ଼ା ସେ ଗାଁର ଜଣେ ଧନୀ ଲୋକକୁ କହି ତା' ଘରେ ବିଶ୍ରାମ ନେଲେ । ଧନୀ ଲୋକର ସ୍ତ୍ରୀ କିନ୍ତୁ ଭାରି ଚତୁର । ବୁଢ଼ା କେଉଁଠିକି ଯାଉଥିଲା, କଣ ସବୁ ଆଣିଲା । ସବୁକଥା ସେ ତନ୍ନ ତନ୍ନ କରି ବୁଢ଼ାକୁ ପଚାରିଲା ।

ବୁଢ଼ା ଅତି ସରଳ ଲୋକ । ଛଳ କପଟ ସେ ଜାଣେ ନାହିଁ । ତେଣୁ ସବୁକଥା ସେ ଧନୀ ଲୋକର ସ୍ତ୍ରୀ ଆଗରେ କହିଦେଲା ।

କୁହୁକ ଚଦରର କଥା ଶୁଣି ସ୍ତ୍ରୀ ଲୋକଟିର ଲୋଭ ଉପୁଜିଲା । ସେହି କୁହୁକ ଚଦର ପାଇଁ । ତା'ର ଭାରି ଲୋଭ ହେଲା । ରାତି ଅଧରେ ବୁଢ଼ା ଯେତେବେଳେ ନିଶୋଡ଼ ନିଦରେ ଶୋଇ ପଡ଼ିଲା ସେତେବେଳେ ସ୍ତ୍ରୀ ଲୋକଟି ଆଉ ଗୋଟିଏ ଚଦର ଆଣି ବୁଢ଼ା ପାଖରେ ରଖିଦେଲା ଓ କୁହୁକ ଚଦରଟି ନେଇ ନିଜପାଖେ ଲୁଚାଇ ରଖିଲା ।

ତା ଆରଦିନ ସକାଳ ହେବାରୁ ବୁଢ଼ା ନକଲି ଚଦରଟିକୁ ଧରି ଘରକୁ ଫେରିଲା । ଘରେ ପହଞ୍ଚି ବୁଢ଼ୀକୁ କୁହୁକ ଚଦରଟି ସମ୍ବନ୍ଧରେ କହିଲା । ଚଦରଟିକୁ ତଳେ ବିଛାଇ ଦେଇ ଖାଇବା ଦରବ ଓ କେତେ କଣ ମାଗିଲା । ଚଦର ଭିତରୁ କିନ୍ତୁ କୌଣସି ଜିନିଷ ବାହାରିଲା ନାହିଁ । ବୁଢ଼ାର ମନ ଦୁଃଖରେ ପୂରିଗଲା ।

ବୁଢ଼ୀ କହିଲା, "ତୁମେ ଠକାମିରେ ପଡ଼ି ଯାଇଛ । ତୁମ ସରଳ ପ୍ରକୃତି ଦେଖି ପବନ ତୁମକୁ ଠକି ଦେଇଛି । ତୁମେ ପୁଣି ଥରେ ପବନ ପାଖକୁ ଯାଇ ଆମ ଅଟାଚକ ମାଗିଆଣ ।"

ବୁଢ଼ା ପୁଣି ଥରେ ପବନ ସହିତ ଭେଟ ହେବା ପାଇଁ ବଣକୁ ଗଲା । ପବନ ବୁଢ଼ାକୁ ଦେଖି ପଚାରିଲା, "ବୁଢ଼ା ପୁଣି କାହିଁକି ଆସିଲୁ ?"

ବୁଢ଼ା କହିଲା, "ପବନ, ତୁ ବଡ଼ ଠକ । ତୁ ଯେଉଁ କୁହୁକ ଚଦରଟି ଦେଇଛୁ ତହିଁରୁ କୌଣସି ଖାଇବା ଦରବ ବାହାରୁ ନାହିଁ ।

Digitized by srujanika@gmail.com

ବୁଢ଼ାର କଥା ଶୁଣି ପବନ ଆଶ୍ଚର୍ଯ୍ୟ ହେଲା । ସେ ମେଣ୍ଢା ଛୁଆଟିଏ ଆଣି ବୁଢ଼ାକୁ ଦେଲା । ସେ କହିଲା, 'ବୁଢ଼ା, ତୁ ଆଉ ଦୁଃଖ କରନ । ଏ ଯେଉଁ ମେଣ୍ଢା ଛୁଆଟିକୁ ତୋତେ ଦେଲି ଏହା ଦ୍ୱାରା ତୋର କୌଣସି ଦୁଃଖ ରହିବ ନାହିଁ । ଯେତେବେଳେ ତୋର ଯାହା ଦରକାର ମାଗିବୁ ମେଣ୍ଢା ଛୁଆଟି ତୋତେ ସେ ସବୁ ଦେଇ ଦେବ ।

ପବନ ପାଖରୁ ମେଣ୍ଢା ଛୁଆଟି ଆଣି ବୁଢ଼ା ଘରକୁ ଫେରିଲା । ଫେରୁ ଫେରୁ ସଞ୍ଜ ହୋଇ ଯିବାରୁ ସେ ପୁଣି ଧନୀ ଲୋକଟିର ଘରେ ପହଞ୍ଚିଲା । ଧନୀ ଲୋକଟିର ସ୍ତ୍ରୀ ବୁଢ଼ାକୁ ଦେଖି ବହୁତ ଖୁସି ହେଲା । ସେ ମେଣ୍ଢା ଛୁଆଟି ସମ୍ବନ୍ଧରେ ବୁଢ଼ାକୁ ନାନା କଥା ପଚାରିଲା ।

ବୁଢ଼ା କହିଲା, 'ମେଣ୍ଢା ଛୁଆଟିକୁ ଯେତେବେଳେ ଯାହା ମାଗିଲେ ସେ ତାହା ଦେଇଦେବ ।

ଧନୀ ଲୋକଟିର ସ୍ତ୍ରୀ କହିଲା, 'ଏ ସବୁ ମିଛ । ଯଦି ସତ ତେବେ ତାକୁ ସୁନା ରୁପା ମାଗି ଦେଖିଲ ଯେ ସେ ତାହା ଦେଉଛି ନା ତୁମେ ଠକାମିରେ ପଡ଼ିଯାଇଛ ।"

ସ୍ତ୍ରୀ ଲୋକଟିର କଥା ଶୁଣି ବୁଢ଼ା ମେଣ୍ଢା ଛୁଆଟିକୁ କହିଲା; ମେଣ୍ଢାଛୁଆ, ମୋତେ ତୁ କିଛି ସୁନା ରୁପା ଆଣି ଦେ ।"

ମେଣ୍ଢା ଛୁଆଟି ତା ଦେହକୁ ଝାଡ଼ି ଝୁଡ଼ି ଦେଲା । ଦେଖୁ ଦେଖୁ ସୁନା ରୁପା ଆଉ ଦରବ ତା ଦେହରୁ ଟପଟାପ୍ ହୋଇ ତଳେ ଖସି ପଡ଼ିଲା । ବୁଢ଼ା ଓ ଧନୀ ଲୋକଟିର ସ୍ତ୍ରୀ ସେ ସବୁ ଗୋଟାଇ ସାଇତି ରଖିଲେ ।

ସେଦିନ ଯେତେବେଳେ ବହୁତ ସଞ୍ଜହେଲା ଧନୀ ଲୋକଟିର ସ୍ତ୍ରୀ ଆଉ ଲୋଭ ସମ୍ଭାଳି ପାରିଲା ନାହିଁ । ବୁଢ଼ା ଶୋଇଥିବା ବେଳେ ସେ ଆଉ ଗୋଟିଏ ମେଣ୍ଢାଛୁଆ ଆଣି ରଖିଦେଲା । ଓ ଅସଲ ମେଣ୍ଢା ଛୁଆଟିକୁ ଆଣି ଲୁଚାଇ ରଖିଲା ।

ତା ପରଦିନ ସକାଳେ ବୁଢ଼ା ନକଲି ମେଣ୍ଢା ଛୁଆଟିକୁ ସାଙ୍ଗରେ ନେଇ ଘରକୁ ଫେରିଲା । ଘରେ ପହଞ୍ଚି ବୁଢ଼ୀ ଆଗରେ ସେ ସୁନା ରୁପା

Digitized by srujanika@gmail.com

ଆଉ କେତେ ଜିନିଷ ମାଗିବ । ତେବେ ନକଲି ମେଣ୍ଢାଟୁଆଟି କଣ ସୁନା ରୁପା ଆଉ ଦେଇ ପାରିବ ? ବୁଢ଼ୀ ଆଗରେ ବୁଢ଼ା ପୁଣି ଥରେ ମିଛୁଆ ହେଲା ।

ବୁଢ଼ୀ ବୁଢ଼ା ଉପରେ ରଗି ଖପାହେଲା ଓ କହିଲା, "ପବନ ତୁମକୁ ବାରମ୍ବାର ଠକି ଦେଉଛି । ତୁମେ ପବନ ପାଖକୁ ଯାଇ ଆମ ଅଟାଚକି ଫେରାଇ ଆଣ ।"

ବୁଢ଼ା ପୁଣି ଥରେ ପବନ ପାଖକୁ ଯାଇ କହିଲା 'ପବନ, ଥରକୁ ଥର ତୁମେ ମୋତେ ଠକୁଛ । ତୁମ ପାଇଁ ମୁଁ ବୁଢ଼ୀ ଠାରୁ ବହୁତ ଗାଳି ଖାଇଲିଣି ।

ପବନ ବୁଢ଼ାକୁ ସବୁକଥା ଟିକିନିଖି କରି ପଚାରି ଜାଣିଲା ଯେ ବାଟରେ ଧମା ଲୋକଟିର ସ୍ତ୍ରୀ ତାକୁ ଠକି ଦେଉଛି । ସେ ବୁଢ଼ାକୁ କାହାଳୀଟିଏ ଦେଇ କହିଲା; ବୁଢ଼ା, ଆଜି ଏ କାହାଳୀଟି ନେଇ ତୁ ଧମା ଲୋକଟିର ଘରକୁ ଯିବୁ ଓ ସେଇଠି ବିଶ୍ରାମ ନେବୁ । କାହାଳୀଟି ସମ୍ବନ୍ଧରେ ଯଦି ଧମା ଲୋକର ସ୍ତ୍ରୀଟି ପଚାରେ ତେବେ କହିବୁ ଯେ କାହାଳୀରେ ଘନ୍ଧ ମୁହଁ ଲଗାଇ କୁହାଯାଏ—"ଏ କାହାଳୀ ତୋ ଭିତରେ ଯାହା ଅଛି ବାହାର କରିଦେ, ତେବେ ସେ ଭିତରୁ ବହୁ ମୂଲ୍ୟବାନ୍ ଜିନିଷ ମାନ ବାହାରିବ । ତା ପରେ ତୋ କଥା ଅନୁଯାୟୀ ଧମା ଲୋକଟିର ସ୍ତ୍ରୀ ଯେତେବେଳେ ସେ ଘରେ ରହିବ, ସେ ତାର ଫଳ ପାଇଯିବ । ଏବଂ ସେ ନିଶ୍ଚୟ ତୋର ତୁହୁଳ ଚଦର ଓ ଅସଲ ମେଣ୍ଢା ଟୁଆଟିକୁ ଫେରାଇ ଦେବ ।"

ପବନର କଥା ଶୁଣି ବୁଢ଼ା କାହାଳୀଟି ଧରି ଧମା ଲୋକଟିର ଘରକୁ ଗଲା । ରାତିରେ ସେ ସେଇଠି ବିଶ୍ରାମ ନେଲା । ଧମା ଲୋକର ସ୍ତ୍ରୀ ପୁଣି ତାକୁ କାହାଳୀ ସମ୍ବନ୍ଧରେ ପଚାରିଲା । ବୁଢ଼ା ପବନ କହିଥିବା ଅନୁଯାୟୀ ସ୍ତ୍ରୀ ଲୋକଟିକୁ ସବୁ କଥା କହିଦେଲା ।

ସ୍ତ୍ରୀ ଲୋକଟି ଏଥର ଆଖି ଡୋଳ ନଚାଇ କାହାଳୀରେ ମୁହଁ ଲଗାଇ କହିଲା, "ଏ କାହାଳୀ ତୋ ଭିତରେ ଯାହା ଅଛି ବାହାର କରିଦେ ।"

Digitized by srujanika@gmail.com

ତା କଥା ସରିଛି କି ନାହିଁ କାହାଣୀ ଭିତରୁ ଦୁଇଟି ଅସୁର ବାହାରି ପଡ଼ିଲେ । ସେମାନେ ସ୍ତ୍ରୀ ଲୋକଟିକୁ ଖୁବ୍ ପିଟିଲେ । ମାଡ଼ ଖାଇ ସ୍ତ୍ରୀ ଲୋକଟି ବୁଢ଼ାକୁ କହିଲା, "ମଲିସା, ମଲିସା, ମରିଗଲି, ମୋତେ ରକ୍ଷାକର ।

କିନ୍ତୁ ବୁଢ଼ା କହିଲା, 'ଛିଃ, ତୁ ମୋତେ ଠକିଲୁ । ମୋ ମେଣ୍ଢାଛୁଆ ଓ କୁକୁଡ଼ା ଯୋଡ଼ିକ ଲୁଚାଇ ରଖିଛୁ । ସେ ସବୁ ନ ଫେରାଇବା ପର୍ଯ୍ୟନ୍ତ ମୁଁ ତୋତେ ଉଦ୍ଧାର କରିବି କିପରି ?"

ସ୍ତ୍ରୀ ଲୋକଟି କହିଲା, "ମୁଁ ସେ ସବୁ ଫେରାଇ ଦେବି । ତୁମେ ମୋତେ ଆଗ ମାଡ଼ ଦାଉରୁ ରକ୍ଷାକର ।"

ତା ପରେ ବୁଢ଼ାର ଦୟା ହେଲା । ସେ ଅସୁର ଦୁହିଁଙ୍କୁ କହିଲା, "ଢେର୍ ହୋଇଗଲା । ତାକୁ ଆଉ ପିଟ ନାହିଁ । ତୁମେ ଏବେ କାହାଣୀ ଭିତରକୁ ଫେରି ଯାଅ ।

ଅସୁର ଦୁଇଟି କାହାଣୀ ଭିତରକୁ ଚାଲିଗଲେ । ମାଡ଼ ଖାଇ ଖାଇ ସ୍ତ୍ରୀ ଲୋକଟିର ପିଠି ଫୁଲି ଯାଇଥାଏ । ସେ ଘର ଭିତରୁ ମେଣ୍ଢାଛୁଆଟି ଓ କୁକୁଡ଼ା ଯୋଡ଼ିକଟି ଆଣି ବୁଢ଼ା ହାତରେ ଦେଇଦେଲା ।

ବୁଢ଼ା ଏଥର ମହା ଆନନ୍ଦରେ ଘରକୁ ଫେରିଲା । ତା'ର ଆଉ କୌଣସି ଅଭାବ ରହିଲା ନାହିଁ । ସେ ବୁଢ଼ୀ ସହିତ ସୁଖରେ ଦିନ କଟାଇଲା ।

Digitized by srujanika@gmail.com

ମୟୂରର ନାଚ

ଋଷିଆର କୌଣସି ଗୋଟିଏ ସହରରେ ବଂଶୀ ବାଦକଟିଏ ରହୁଥିଲା । ବିଚରା ଭାରି ଗରିବ । ନିତିଦିନ ରାସ୍ତା କଡ଼ରେ ବଂଶୀ ବଜାଇ ଯାହା କିଛି ରୋଜଗାର କରୁଥିଲା ସେଥିରେ ସେ ଚଳିପାରୁ ନଥିଲା । ତାର ଘର ବୋଲି କିଛି ନଥିଲା । ସେ ଓଳିଏ ଖାଇ ଓଳିଏ ଉପାସରେ ରହୁଥିଲା । ରାସ୍ତା କଡ଼ରେ ଶୋଇ ସେ ରାତି କଟାଉଥିଲା ।

କିଛି ଦିନ ପରେ ଋଷିଆରେ ଶୀତ ଋତୁ ଆରମ୍ଭ ହେଲା । ଖୁବ୍ ଥଣ୍ଡା ପଡ଼ିଲା । ଏଣିକି ବଂଶୀ ବାଦକର ଦୁଃଖ ବଢ଼ିପଡ଼ିଲା । ସେ ଆଉ ରାସ୍ତା କଡ଼ରେ ଶୋଇ ପାରିଲା ନାହିଁ । ରାତି ହେଲେ ସେ ଯାଇ ଗୋଟିଏ ଧର୍ମଶାଳାରେ ଆଶ୍ରୟ ନେଲା । ସେଠି ଶୀତରେ ଥରି ଥରି ହୋଇ ରାତି କଟାଇଲା ।

ଧର୍ମଶାଳାକୁ ଲାଗି ଗୋଟିଏ ହୋଟେଲ ଥାଏ । ହୋଟେଲର ମାଲିକ ଭାରି ଦୟାଳୁ । ସେ ପ୍ରତିଦିନ ଦେଖନ୍ତି ବଂଶୀ ବାଦକ ବଡ଼ କଷ୍ଟ ପାଉଛି । ଦିନକର ସେ ବଂଶୀ ବାଦକ ପାଖକୁ ଆସି ଗରମ ସ୍ୱେଟରଟିଏ ଦେଲେ ଓ କିଛି ଖାଇବାକୁ ଦେଇ କହିଲେ, "ବଂଶୀ ବାଦକ, ଆଜିଠାରୁ ପ୍ରତିଦିନ ତୁମେ ମୋ ହୋଟେଲକୁ ଆସ । ମୁଁ ତୁମକୁ ମାଗଣାରେ ଖାଇବାକୁ ଦେବି ।"

ହୋଟେଲ ମାଲିକଙ୍କ କଥା ଶୁଣି ବଂଶୀ ବାଦକଟି ବଡ଼ ଖୁସି ହେଲା । ରାତି ହେଲେ ସେ ଗରମ ଚଦରଟି ଘୋଡ଼ି ଶୋଇଲା ଓ ପ୍ରତିଦିନ ଯାଇ ହୋଟେଲରେ ଖାଇଲା ।

ଏ ଭଳି କିଛି ଦିନ ବିତି ଗଲା । ଦିନେ ବଂଶୀ ବାଦକ ମନେ ମନେ ଭାବିଲା ଯେ, ପ୍ରତିଦିନ ମାଗଣାରେ ଖାଇବା ବଡ଼ ଖରାପ କଥା । ଏହା ଦ୍ୱାରା ସେ ଋଣୀ ହୋଇଯିବ । ତେଣୁ ଦିନକର ସେ ସହର ଛାଡ଼ି ଅନ୍ୟଆଡ଼େ ଚାଲିଯିବାକୁ ନିଷ୍ପତ୍ତି କଲା । ତା ପୂର୍ବରୁ ସେ ହୋଟେଲକୁ

Digitized by srujanika@gmail.com

ଆସି ମାଲିକଙ୍କୁ କହିଲା, "ମହାଶୟ, ଆପଣ ମୋତେ ମାଗଣାରେ ଖାଇବାକୁ ଦେଇଛନ୍ତି । ଶୀତରୁ ରକ୍ଷା ପାଇବା ପାଇଁ ଚଦର ମଧ୍ୟ ଦେଇଛନ୍ତି । ଏ ପାଇଁ ମୁଁ ଆପଣଙ୍କର ପାଖରେ କୃତଜ୍ଞତା ଜଣାଉଛି । ତେବେ ଆଗାମୀ କାଲି ସକାଳେ ମୁଁ ଏ ସହର ଛାଡ଼ି ଅନ୍ୟ ଗୋଟିଏ ସହରକୁ ଚାଲିଯାଉଛି । ଯିବା ପୂର୍ବରୁ ମୁଁ ଆପଣଙ୍କୁ ଗୋଟିଏ ବିଦ୍ୟା ଶିଖାଇ ଦେଇଯିବି । ଏହା ଦ୍ୱାରା ଆପଣ ବହୁତ ଧନ ରୋଜଗାର କରି ପାରିବେ" ।

—"କି ବିଦ୍ୟା ? ହୋଟେଲ ମାଲିକ ପଚାରିଲେ ।

ବଂଶୀ ବାଦକ ହୋଟେଲର ଗୋଟିଏ କାନ୍ଥରେ ଅତି ସୁନ୍ଦର ମୟୂରର ଚିତ୍ରଟିଏ ଅଙ୍କିଦେଇ କହିଲେ, "ଦେଖନ୍ତୁ, ଆପଣ ଯେତେବେଳେ ତିନୋଟି ତାଳି ମାରିବେ ସେତେବେଳେ ଏ ମୟୂରର ଚିତ୍ରଟି କାନ୍ଥରୁ ବାହାରି ପଡ଼ି ନାଚିବ । ମୟୂରର ନାଚ ଦେଖିବା ପାଇଁ ହଜାର ହଜାର ଲୋକ ହୋଟେଲକୁ ଆସିବେ । ସେମାନେ ଆପଣଙ୍କୁ ପୁରସ୍କାର ମଧ୍ୟ ଦେବେ ।"

"ବାଃ ଅତି ସୁନ୍ଦର କୁହୁକ ବିଦ୍ୟାଟିଏ ତ" ! ହୋଟେଲ ମାଲିକ କହିଲେ ।

ବଂଶୀ ବାଦକ କହିଲା, "କିନ୍ତୁ ଗୋଟିଏ କଥା ମନେ ରଖନ୍ତୁ, ମୟୂରକୁ ଦିନକରେ ଥରେ ମାତ୍ର ନଚାଇବେ । ଯେଉଁ ଦିନ ଧନ ଲୋଭରେ ଆପଣ ଥରକରୁ ଦୁଇଥର ନଚାଇବାକୁ ଚେଷ୍ଟା କରିବେ ସେହିଦିନ ଏ କୁହୁକ ବିଦ୍ୟାଟି କାମ ଦେବ ନାହିଁ । ଏବଂ ତା ସାଙ୍ଗକୁ ଆପଣଙ୍କର ବି ବହୁତ କ୍ଷତି ହେବ ।

ବଂଶୀ ବାଦକର କଥାରେ ହୋଟେଲ ମାଲିକ ରାଜି ହେଲେ । ବଂଶୀ ବାଦକ ସେ ସହରରୁ ବିଦାୟ ନେଲେ । ସେହି ଦିନଠାରୁ ହୋଟେଲ ମାଲିକ ଦିନ ଥର ଲେଖାଁ ତାଳି ମାରି ଦିଅନ୍ତି । ସଙ୍ଗେ ସଙ୍ଗେ କାନ୍ଥ ଦେହରୁ ମୟୂରଟିଏ ବାହାରି ଆସି ଅତି ସୁନ୍ଦର ନାଚ କରେ । ନାଚ ଦେଖିବା ପାଇଁ ହଜାର ହଜାର ଦର୍ଶକ ଆସି ହୋଟେଲରେ ପହଞ୍ଚନ୍ତି । ନାଚ ଦେଖିସାରି ସେମାନେ ହୋଟେଲ ମାଲିକଙ୍କୁ ବହୁତ ପୁରସ୍କାର ଦେଇ ଚାଲି ଯାଆନ୍ତି ।

Digitized by srujanika@gmail.com

ପ୍ରତିଦିନ ଏହିଭଳି ଥରେ ମାତ୍ର ମୟୂର ନାଚ ଦେଖାଇ ହୋଟେଲ ମାଲିକ ଏ ବହୁତ ଧନୀ ହୋଇଗଲେ ।

ଦିନକର ଘଟଣା । ହୋଟେଲ ମାଲିକ ମୟୂରର ନାଚ ଦେଖାଇ ସାରି'ଥାନ୍ତି । ଦର୍ଶକମାନେ ନାଚ ଦେଖି ସାରି ହୋଟେଲ ଭିତରୁ ବାହାରି ଯାଉଥାନ୍ତି । ଠିକ୍ ଏତିକି ବେଳେ ସହରର ଜଣେ ବସ୍ତୁର ପତି ନାଚ ଦେଖିବା ଉଦ୍ଦେଶ୍ୟରେ ଆସି ହୋଟେଲରେ ପହଞ୍ଚିଲେ । ସେ ପୁଣି ଥରେ ନାଚ ଦେଖାଇବା ପାଇଁ ହୋଟେଲ ମାଲିକଙ୍କୁ ଅନୁରୋଧ କଲେ । ହୋଟେଲ ମାଲିକ ମନା କରିବାରୁ ବସ୍ତୁର ପତି ଆଉ ଥରେ ନାଚ ଦେଖାଇଲେ ତାଙ୍କୁ ଦଶ ହଜାର ଟଙ୍କା ପୁରସ୍କାର ଦେବେ ବୋଲି ଲୋଭ ଦେଖାଇଲେ ।

ଦଶ ହଜାର ଟଙ୍କା ପାଇବା ଲୋଭରେ ହୋଟେଲ ମାଲିକ ମଧ୍ୟ ରାଜି ହୋଇଗଲେ । ସେ ଦ୍ୱିତୀୟ ଥର ପାଇଁ ତାଳି ବଜାଇଲେ । ଏଥର କିନ୍ତୁ ମୟୂରଟି ଆଉ ନାଚିଲା ନାହିଁ । ମୟୂର ଚିତ୍ରଟି ମଧ୍ୟ କାନ୍ଥ ଉପରୁ ମଧ୍ୟ ଲିଭିଗଲା ।

ଏଥର ହୋଟେଲ ମାଲିକଙ୍କ ମନ ଦୁଃଖରେ ଭାଙ୍ଗି ପଡ଼ିଲା । ତାଙ୍କ ଆଖିରେ ଲୁହ ଜକେଇ ଗଲା । ଯେଉଁ ମୟୂରକୁ ନେଇ ସେ ଏତେ ଟଙ୍କା ରୋଜଗାର କରିଥିଲେ ଆଜି ସେ ମୟୂର ଚିତ୍ରଟି ମଧ୍ୟ ଲିଭିଗଲା ।

ହୋଟେଲ ମାଲିକ ଆଉ ମୟୂରର ନାଚ ଦେଖାଇ ନ ପାରିବାରୁ ବସ୍ତୁର ପତି ରାଗିଗଲେ । ସେ ହୋଟେଲ ମାଲିକଙ୍କୁ କହିଲେ, "ତୁମେ ମୟୂରର ନାଚ ଦେଖାଇବା ବାହାନାରେ ପ୍ରତିଦିନ ଲୋକମାନଙ୍କ ପାଖରୁ ହଜାର ହଜାର ଟଙ୍କା ଠକି ନେଉଛ ତେଣୁ ଠକାମି ଅପରାଧରେ ତୁମକୁ ଦଶ ହଜାର ଟଙ୍କା ଜୋରିମାନା କରୁଛି" ।

ହୋଟେଲ ମାଲିକ ବାଧ୍ୟ ହୋଇ ଦଶ ହଜାର ଜୋରିମାନା ଦେଲେ । ସେହି ଦିନଠାରୁ ତାଙ୍କ ହୋଟେଲରେ ଭିଡ଼ କମିଗଲା । କ୍ରମେ ସେ ଗରିବ ହୋଇଗଲେ ।

●

Digitized by srujanika@gmail.com

ଆଗ୍ନେୟ ହ୍ରଦ

ରୁଷିଆର ଗୋଟିଏ ହ୍ରଦର ନାମ "ଇସ୍ୟକ୍ କୁଲ୍" । ଏହାର ଅର୍ଥ ଆଗ୍ନେୟ ହ୍ରଦ । ପ୍ରଥମେ ଏହା ହ୍ରଦ ନ ଥିଲା । ଏହା ଥିଲା ଗୋଟିଏ ଉପତ୍ୟକା । ଉପତ୍ୟକାର ଗୋଟିଏ ପଟରେ ଥିବା ପାହାଡ଼ ଉପରେ ଜଣେ ରାଜା ଅତି ସୁନ୍ଦର ଉଆସଟିଏ କରି ରହୁଥିଲେ । ରାଜା ବଡ଼ ବିଳାସୀ ତଥା ଅତ୍ୟାଲୁସ ଥିଲେ । ତାଙ୍କ ଉଆସଟି ହୀରା ନୀଳା ମୋତି ମାଣିକ୍ୟରେ ଖଚିତ ହୋଇ ଝଲସି ଉଠୁଥିଲା ।

ଦିନେ ରାଜା ଶୁଣିବାକୁ ପାଇଲେ ଯେ କୌଣସି ଗୋଟିଏ ଝିଅ ଆସି ଉପତ୍ୟକାର ଅପର ପଟେ ଥିବା ଆଉ ଗୋଟିଏ ପାହାଡ଼ର ଝରଣା କୂଳରେ ରହୁଛି । ଝିଅଟି ଅତି ସୁନ୍ଦରୀ । ଦୁନିଆଁର ଯେ କୌଣସି ସୁନ୍ଦରୀ ନାରୀ ବି ତା ସହିତ ସମାନ ହୋଇ ପାରିବେ ନାହିଁ । ସେ ତାକୁ ବିବାହ କରିବା ପାଇଁ ମନ ବଳାଇଲେ ।

ଦିନେ ରାଜକୁମାର ଝରଣାରେ ଗାଧୋଉ ଥିବା ବେଳେ ଜଣେ ସୁନ୍ଦର ରାଜ କୁମାରଙ୍କୁ ଦେଖିଲା । ରାଜ କୁମାର ଘୋଡାରେ ବସି ପାହାଡ଼ ଉପରକୁ ଯାଉଥିଲେ । ଉଭୟେ ଉଭୟଙ୍କ ରୂପରେ ମୁଗ୍ଧ ହୋଇ ପରସ୍ପରକୁ ଭଲପାଇ ବସିଲେ । ରାଜକୁମାର କାର୍ଯ୍ୟ ବ୍ୟସ୍ତ ଥିଲେ । ସେ ଝିଅଟିକୁ ତାଙ୍କ ଫେରିବା ବାଟକୁ ଅପେକ୍ଷା କରିବାପାଇଁ କହି ପାହାଡ଼ ଉପରକୁ ଚାଲିଗଲେ । ସେହିଦିନଠାରୁ ସେ ଆଉ ଫେରିଲେ ନାହିଁ । ଝିଅଟି କିନ୍ତୁ ଝରଣା କୂଳରେ ତାଙ୍କୁ ଅପେକ୍ଷା କରି ରହିଲା ।

ଏ ଭିତରେ ଅନେକ ମାସ ବିତିଗଲା । ଅନେକ ରାଜକୁମାର ସେହି ବାଟ ଦେଇ ଗଲେ । ସେମାନେ ଝିଅଟିର ରୂପ ଗୁଣରେ ମୁଗ୍ଧ ହୋଇ ତାକୁ ବିବାହ କରିବା ପାଇଁ ମନ ବଳାଇଲେ । କିନ୍ତୁ ଝିଅଟି ସେମାନଙ୍କ ମଧ୍ୟରୁ କାହାକୁ ହେଲେ ବିବାହ କରିବା ପାଇଁ ରାଜି ହେଲା ନାହିଁ । କେହି

Digitized by srujanika@gmail.com

କେହି ଯେବ ତାକୁ ବିବାହ କରିବାପାଇଁ ପ୍ରସ୍ତାବ ଆଗତ କରୁଥିଲା । ତେବେ ସେ ସଙ୍ଗେ ସଙ୍ଗେ ମନାକରି କହୁଥିଲା କି ସେ ଆଉ ଜଣକୁ ଭଲପାଉଛି ।

ଦିନେ ପାଖ ଉପତ୍ୟକାର ପାହାଡ଼ ଉପରେ ରହୁଥିବା ଅତ୍ୟାଚାରୀ ରାଜା ମଧ୍ୟ ବିବାହ ପ୍ରସ୍ତାବ ନେଇ ଝିଅଟି ପାଖରେ ପହଞ୍ଚିଲେ । ସେ ବିବାହ ପ୍ରସ୍ତାବ ଆଗତ କଲେ ।

ଝିଅଟି ତାଙ୍କ ଆଡ଼କୁ ଫିକାଏ ହେଲେ ଅନାଇ ନ ପାରି କହିଲା ଯେ ସେ ଆଉ ଜଣକୁ ଭଲ ପାଉଛି ।

ଝିଅଟିଏ କଥା ଶୁଣି ରାଜା ରାଗି ଗଲେ । ଆଜି ପର୍ଯ୍ୟନ୍ତ ତାଙ୍କର ମୁହଁ ଆଗରେ କେହି ନାହିଁ ବୋଲି କହି ନ ଥିଲେ । ସେ ଝିଅଟି ପାଖରୁ ଚାଲିଗଲେ । ତାକୁ ବଳାତ୍କାର କରି ରାଜ ପ୍ରାସାଦକୁ ନେଇ ଆସିବା ପାଇଁ ସୈନ୍ୟ ମାନଙ୍କୁ ଆଦେଶ ଦେଲେ ।

ଝିଅଟି କିନ୍ତୁ ରାଜାଙ୍କର ଦୁଷ୍ଟ ସ୍ୱଭାବ ସହିତ ପରିଚିତ ଥିଲା । ସେ ତା'ର ସୁରକ୍ଷା ପାଇଁ ଦୌଡ଼ି ଦୌଡ଼ି ପାହାଡ଼ର ଶିଖର ଦେଶରେ ପହଞ୍ଚିଲା ଏବଂ ପାଟିକରି ତା'ର ପ୍ରେମିକ ରାଜକୁମାରଙ୍କୁ ଡ଼ାକିଲା । କିନ୍ତୁ କେହି ହେଲେ ତା ଡ଼ାକ ଶୁଣିଲେ ନାହିଁ ।

ସେତେବେଳେ ସନ୍ଧ୍ୟା ହୋଇ ଆସୁଥିଲା । ରାଜାଙ୍କର ସୈନ୍ୟମାନେ ପାହାଡ଼ର ଶିଖର ଦେଶରେ ପହଞ୍ଚି ଝିଅଟିକୁ ବଳାତ୍କାର କରି ବନ୍ଦୀ କରି ଦେଲେ ; ତା ଆଖିରେ କନାର ପଟି ବାନ୍ଧିଦେଇ ନେଇ ଆସିଲେ ।

କିଛି ସମୟପରେ ଝିଅଟିର ଆଖିରୁ ଯେତେବେଳେ କନାର ପଟି ଖୋଲି ଦିଆଗଲା ସେ ଦେଖିଲା ଯେ ସେ ଅତ୍ୟାଚାରୀ ରାଜାର ରାଜପ୍ରାସାଦରେ ରହିଛି ।

ରାଜା ଝିଅଟିକୁ ପୁଣିଥରେ କହିଲେ, "ତୁମକୁ ପୁଣିଥରେ କହୁଛି, ତୁମେ ମୋତେ ବିବାହ କରିବ କି ନା ?"

Digitized by srujanika@gmail.com

ଝିଅଟି ଉତ୍ତର ଦେଲା, "ନା ରଜା, ମୁଁ ଆଉ ଜଣକୁ ଭଲପାଏ । ମୁଁ କେବେହେଲେ ତୁମର ହୋଇ ପାରିବ ନାହିଁ ।"

ଝିଅଟିର କଥାଶୁଣି ରଜା ରାଗି ଗଲେ । ଝିଅଟି ଲୁଚି ଯିବାପାଇଁ ଚେଷ୍ଟାକଲା । ସେ ଦେଖିଲା କେବଳ ଝରକାଟିକ ଛଡ଼ା ରାଜ ଉଆସର ସବୁତକ ଦ୍ୱାର ବନ୍ଦ ହୋଇ ରହିଛି ।

ସେ ଝରକା ପାଖରେ ଅନାଇଲା, ଉଆସର ବହୁତଳେ ଉପତ୍ୟକାଟି, ଯେଉଁଠିକି ଆଖି ମଧ୍ୟ ପାଉ ନାହିଁ । ତଥାପି କାଳ ବିଳମ୍ବ ନ କରି ସେ ଝରକା ବାଟ ଦେଇ ତଳକୁ ଡେଇଁ ପଡ଼ିଲା ।

ଠିକ୍ ସେତିକିବେଳେ ରଜା ଅନୁଭବ କଲେ ସତେ ଯେପରି ତାଙ୍କର ରାଜ ଉଆସଟି ଥରିବାକୁ ଲାଗୁଛି । କିଛି ସମୟପରେ ଗୋଟିକ ପରେ ଗୋଟିଏ ରାଜଉଆସର ସମସ୍ତ କାନ୍ଥ ଖସି ପଡ଼ିଲା । ପାହାଡ଼ ଭିତରୁ ଜଳ ସ୍ରୋତ ମାନ ଭୀଷଣ ବେଗରେ ବାହାରି ଉତ୍ତପ୍ତ ହୋଇ ଉଠିଲା । ଉପତ୍ୟକାଟି କ୍ରମେ ଉତ୍ତପ୍ତ ଜଳରେ ପୂରିଯାଇ ହ୍ରଦରେ ପରିଣତ ହୋଇଗଲା ଏବଂ ତାହା ଭିତରେ ରାଜ ଉଆସଟି ମିଳାଇଗଲା । ରଜା ହ୍ରଦଟି ଭିତରେ ବୁଡ଼ି ମରିଗଲେ ।

ଏହି ହ୍ରଦଟିକୁ ଲୋକେ "ଇସ୍ୟକୁଲ୍" ବା ଆଗ୍ନେୟ ହ୍ରଦ ନାମରେ ନାମିତ କଲେ ।

Digitized by srujanika@gmail.com

ଆଗ୍ନେୟ ପକ୍ଷୀ

ଜଣେ ରାଜା ଥିଲେ । ତାଙ୍କର ସୁନ୍ଦର ବଗିଚାଟିଏ ଥିଲା । ବଗିଚା ଭିତରେ ଗୋଟିଏ ମାତ୍ର ଆତ ଗଛ ଥିଲା । ଆତ ଗଛଟିରେ ସୁନ୍ଦର ରଙ୍ଗର ଆତସବୁ ଫଳୁଥିଲା । ରାଜା ପ୍ରତିଦିନ ଲକ୍ଷ୍ୟ କରୁଥିଲେ ଯେ ଆତଗଛରୁ ଆତଫଳଟିଏ କେହି ଚୋରି କରି ନେଇଯାଉଛି । ଫଳରେ ଆତଗଛର ଫଳ କମି ଯାଉଥିଲା । ତେଣୁ ସେ ବଗିଚାର ଚାରିପଟେ ଜଗୁଆଳ ରଖିଲେ । ତେବେ ଜଗୁଆଳ ମାନେ ଜଗିବା ସତ୍ତ୍ୱେ ମଧ୍ୟ ଆତଫଳ ଚୋରି ହେଲା । ରାଜା ତାଙ୍କର ଗୋଟିଏ ମାତ୍ର ପୁଅ ଇଭାନ୍ ସାରେଭିଚ୍‌କୁ ଡାକି କହିଲେ, 'ପୁଅ' ବଗିଚାଟିରେ ଚାରିପଟେ ଜଗୁଆଳମାନେ ଜଗିବା ସତ୍ତ୍ୱେ ମଧ୍ୟ ପ୍ରତିଦିନ ଆତଗଛରୁ କିଏ ଆତଟିଏ ଚୋରି କରି ନେଇଯାଉଛି । ଯଦି ତୁ ପ୍ରକୃତ ଚୋରକୁ ଧରି ପାରିବୁ, ମୁଁ ତୋତେ ମୋ ରାଜ୍ୟର ଅଧେ ଦେବି ।

ରାଜାଙ୍କ କଥାଶୁଣି ଇଭାନ୍ ସାରେଭିଚ୍ ସନ୍ଧ୍ୟା ପୂର୍ବରୁ ବଗିଚା ଭିତରକୁ ଆସି ଲୁଚି ରହିଲା । କ୍ରମେ ରାତି ହୋଇ ଆସିଲା । ଅନ୍ଧକାର ଘୋଟିଗଲା । ସେତେବେଳେ ରାତି ଅଧ ହେଲା ଇଭାନ୍ ସାରେଭିଚ୍ ଆତଗଛରେ ଏକ ଆଗ୍ନେୟ ପକ୍ଷୀଟିକୁ ଦେଖି ଆଶ୍ଚର୍ଯ୍ୟ ହେଲା । ପକ୍ଷୀଟିର ଦେହଟି ନିଆଁ ଭଳି ଝଲସି ଯାଉଥିଲା । ସେ ଗଛ ଉପରେ ଫଳଥିବା ଆତଫଳ ଗୁଡ଼ିକ ଖାଇବାକୁ ଆରମ୍ଭ କଲା । ସେତିକିବେଳେ ଇଭାନ୍ ସାରେଭିଚ୍ ଛପି ଛପି ଯାଇ ପକ୍ଷୀଟିକୁ ଧରି ପକାଇଲା । ପକ୍ଷୀଟିକୁ ଯେମିତି ସେ ଧରି ପକାଇଛି ପକ୍ଷୀଟି ଛଟିପିଟି ହୋଇ ପଳାଇଗଲା । ପକ୍ଷୀଟି ପଳାଇଯିବା ସମୟରେ ଇଭାନ୍ ସାରେଭିଚ୍‌ର ହାତରେ ପକ୍ଷୀଟିର ପରଟିଏ ରହିଗଲା । ଯେଉଁ ପର କି ଅଗ୍ନି ଭଳି ଝଟକ ଉଠୁଥିଲା ।

ତା ପରଦିନ ଇଭାନ୍ ସାରେଭିଚ୍ ପରଟିକୁ ନେଇ ରାଜାଙ୍କ ଦେଲା ଓ ସମସ୍ତ କଥା କହିଲା । ପରଟିକୁ ଦେଖି ରାଜା ଆଶ୍ଚର୍ଯ୍ୟ ହୋଇଗଲେ ।

Digitized by srujanika@gmail.com

ସେ କହିଲେ, ପୁଅ ! ତୁ ମୋ ଘୋଡ଼ା ନେଇଯା । ଯେମିତି ହେଲେ ସେ ଆଗ୍ନେୟ ପକ୍ଷୀଟିକୁ ମୋ ପାଇଁ ନେଇ ଆସିବୁ । ମୋର ବିଶ୍ୱାସ ତୋ ଭଳି ଏହି କାମଟି କେହି ହେଲେ କରି ପାରିବେ ନାହିଁ ।

ରାଜାଙ୍କ ଆଦେଶରେ ଇଭାନ ସାରେଭିଚ୍ ଘୋଡ଼ାରେ ବସି ଆଗ୍ନେୟ ପକ୍ଷୀର ସନ୍ଧାନରେ ବାହାରିଲେ । ସେ ଏତେ ଜୋର୍‌ରେ ଗଲେ ଯେ ଅଳ୍ପ ସମୟ ଭିତରେ ଗୋଟିଏ ଅଜଣା ଅଗମ ବନସ୍ତରେ ପହଞ୍ଚିଲେ । କିଛି ସମୟପରେ ସେ ଥକି ଯିବାରୁ ଘୋଡ଼ାରୁ ଓହ୍ଲାଇ ଗୋଟିଏ ଗଛମୂଳେ ବିଶ୍ରାମ ନେଲେ ।

କ୍ରମେ ରାତି ହୋଇ ଆସୁଥାଏ । ଠିକ୍ ସେତିକିବେଳେ କେଉଁଠୁ ମସ୍ତବଡ଼ ଧୂସର ରଙ୍ଗର ଗଧିଆଟିଏ ଆସି ଇଭାନ୍ ସାରେଭିଚ୍‌ର ଘୋଡ଼ାଟିକୁ ଟାଣିନେଇ କେଉଁଠିକୁ ପଳାଇ ଗଲା । ଇଭାନ୍ ସାରେଭିଚ୍ ସେ ଘୋଡ଼ାଟିର ପଛେ ପଛେ କିଛିବାଟ ଗଲେ । କିନ୍ତୁ ଘୋଡ଼ାଟିକୁ ଆଉ ପାଇଲେ ନାହିଁ । ଖାଲି ପାଦରେ ପୁଣି ଆଗକୁ ବଢ଼ିଲେ ।

କିଛିଦିନ ବିତିଗଲା । ଦିନେ, ହଠାତ୍ ଧୂସର ଗଧିଆଟି ତା'ପାଖରେ ପହଞ୍ଚି କହିଲା, "ଇଭାନ୍ ସାରେଭିଚ୍, ଖୁବ ଖୁବ ଥକି ଗଲଣି ନୁହଁ ? ତୁମେ କେଉଁଥି ପାଇଁ ଯାତ୍ରା କରୁଛ ଜାଣିଲିଣି । ଆଗ୍ନେୟ ପକ୍ଷୀଟିକୁ ପାଇବା ଏତେ ସହଜକଥା ନୁହେଁ । ମୁଁ ତୁମକୁ ସାହାଯ୍ୟ କରିବି । ତୁମେ ମୋପିଠିରେ ବସ ।"

ଇଭାନ୍ ସାରେଭିଚ୍ ଧୂସର ଗଧିଆର ପିଠିରେ ବସିଲେ । ଗଧିଆଟି ଆକାଶରେ ଉଡ଼ିବାକୁ ଲାଗିଲା । ସେ ଏତେ ଜୋର୍‌ରେ ଉଡ଼ିଲା ଯେ ଆଖି ପିଛୁଳାକେ କେତେ ବଡ଼ ପାହାଡ଼ ପର୍ବତ ନଦୀ ଝରଣା ପାର ହୋଇ ଯାଉଥାଏ । ଶେଷରେ ଧୂସର ଗଧିଆଟି ଗୋଟିଏ ବଗିଚା ପାଖରେ ନେଇ ଇଭାନ୍ ସାରେଭିଚ୍‌ଙ୍କୁ ଓହ୍ଲାଇ ଦେଲା ।

ବଗିଚାଟିର ଚାରିପଟେ ପଥରର ପାଚେରୀ ଘେରି ରହିଥିଲା । ଧୂସର ଗଧିଆଟି କହିଲା, "ଇଭାନ ସାରେଭିଚ୍, ତୁମେ ଏ ପାଚେରୀ ଡେଇଁ ବଗିଚା ଭିତରକୁ ଯାଅ । ବଗିଚା ଭିତରେ ଦେଖିବ ଗୋଟିଏ ସୁନାର ପିଞ୍ଜରା ଝୁଲୁଥିବ । ସେ ସୁନାର ପିଞ୍ଜରା ଭିତରେ ଆଗ୍ନେୟ ପକ୍ଷୀଟିଏ

Digitized by srujanika@gmail.com

ବସିଥିବ । ପିଞ୍ଜରା ଖୋଲି ତାକୁ ନେଇ ଆସିବ । କିନ୍ତୁ ସାବଧାନ, ପକ୍ଷୀଟିକୁ ପିଞ୍ଜରାରୁ ଅଣି ସାଧାରଣଭାବରେ ପିଞ୍ଜରାଟିକୁ ଆଉ ଛୁଇଁବ ନାହିଁ । ଯଦି ପିଞ୍ଜରାଟିକୁ ଛୁଇଁଦେଲ ତେବେ ବିପଦ ମାଡ଼ିଆସିବ ।”

ଧୂସର ଗଧିଆର କଥା ଅନୁଯାୟୀ ଇଭାନ୍ ତ୍ସାରେଭିଚ୍ ବଗିଚା ଭିତରକୁ ଗଲା । ସୁନାର ପିଞ୍ଜରା ଭିତରୁ ସେ ଆଗ୍ନେୟ ପକ୍ଷୀଟିକୁ ନେଇଆସିଲା । କିନ୍ତୁ କିଛି ବାଟ ଆସିଛି ସେ ମନେ ମନେ ଭାବିଲା ଆହା କେଡ଼େ ସୁନ୍ଦର ପକ୍ଷୀଟିଏ । ତାକୁ ହାତରେ ନେଇ ଆସିଲେ ତା'ର ଅତି ସୁନ୍ଦର ପର ଗୁଡ଼ିକ ନଷ୍ଟ ହୋଇଯିବ । ପିଞ୍ଜରା ସହିତ ନେଇଯିବା ଭଲ ।

ସେତିକିବେଳେ ସେ ଧୂସର ଗଧିଆର ସତର୍କ ବାଣୀ ଭୁଲିଗଲା । ପିଞ୍ଜରା ପାଖକୁ ଯାଇ ଯେମିତି ପିଞ୍ଜରାଟିକୁ ସେ ଛୁଇଁ ଦେଇଛି ସଙ୍ଗେ ସଙ୍ଗେ ସତର୍କ ଘଣ୍ଟି ବାଜି ଉଠିଲା ।

ପ୍ରହରୀମାନେ ଉଠି ପଡ଼ିଲେ ପ୍ରହରୀମାନେ ଇଭାନ୍ ତ୍ସାରେଭିଚ୍‌କୁ ବନ୍ଦୀ କରି ସେ ରାଜ୍ୟର ରାଜାଙ୍କ ପାଖରେ ପହଞ୍ଚାଇ ଦେଲେ । ପକ୍ଷୀଟିକୁ ଚୋରି କରି ନେଇ ଯାଉଥିବାରୁ ରାଜା ଇଭାନ୍ ଉପରେ ରାଗି ଉଠିଲେ ।

ଇଭାନ୍ ତ୍ସାରେଭିଚ୍ ବିନମ୍ର ହୋଇ କହିଲା, “ମହାରାଜ, ଆପଣଙ୍କ ଆଗ୍ନେୟ ପକ୍ଷୀଟି ପ୍ରତିଦିନ ଯାଇ ଆମ ବଗିଚାରୁ ସୁନେଲି ରଙ୍ଗର ଆତ ଫଳ ଗୁଡ଼ିକ ଚୋରି କରି ଆଣୁଥିଲା । ଆମ ରାଜ୍ୟର ରାଜାଙ୍କର ଆଦେଶରେ ମୁଁ ଏଠିକି ଆସିଥିଲି, ପକ୍ଷୀଟିକୁ ନେଇ ତାଙ୍କୁ ଦେବା ପାଇଁ ।”

ରାଜା କହିଲେ, “ଠିକ୍ ଅଛି, ତୁମେ ମୋ ପାଇଁ ଗୋଟିଏ କାମ କର । ଅନ୍ଧାର ଦେଶରେ କୋଶଚେଇ ନାମକ ଜଣେ ରାଜା ଅଛନ୍ତି । ତାଙ୍କ ପାଖରେ ବିଶ୍ୱସୁନ୍ଦରୀ ହେଲେନ୍ ବନ୍ଦୀ ହୋଇ ରହିଛନ୍ତି । ତାଙ୍କୁ ଆଣି ଯଦି ମୋତେ ଦେଇ ପାରିବ ତେବେ ମୁଁ ତୁମକୁ ଏ ଆଗ୍ନେୟ ପକ୍ଷୀଟି ଦେଇ ଦେବି । ନଚେତ ତୁମର ମୁଣ୍ଡକାଟ କରାଯିବ ।”

ଏହାପରେ ଇଭାନ୍ ବିଶ୍ୱସୁନ୍ଦରୀ ହେଲେନ୍‌ଙ୍କୁ କୋଶେଚେଇର ଅନ୍ଧାର ରାଜ୍ୟରୁ ନେଇ ଆସିବା ପାଇଁ ବାହାରିଲା । ସେ ପାଚେରୀ ଆର ପଟେ ଥିବା ଧୂସର ଗଧିଆ ପାଖରେ ପହଞ୍ଚି ସମସ୍ତ କଥା କହିଲା ।

Digitized by srujanika@gmail.com

ତଧିଆ କହିଲା, "ଦେଖ ରାଜକୁମାର, ମୁଁ ତୁମକୁ ଆଗରୁ ସାବଧାନ କରି ଦେଇଥିଲି । ତୁମେ ମୋ କଥାକୁ ଭୁଲିଗଲ । କୋଶେଚେଇ ଅନ୍ଧାର ରାଜ୍ୟରୁ ହେଲେନ୍‌କୁ ନେଇ ଆସିବା ଏତେ ସହଜ କଥା ନୁହେଁ । ତଥାପି ତୁମେ ମୋ ପିଠିରେ ବସ । ମୁଁ ସେଠିକି ତୁମକୁ ନେଇଯିବି ।'

ଇଭାନ୍ ତଧିଆର ପିଠିରେ ବସିଲା । ତଧିଆ ଧୀରେ ଧୀରେ ଆକାଶ ଉପରକୁ ଉଠିଲା । ଆକାଶରେ ଉଡ଼ ଉଡ଼ ସେ କେତେ ନଈ ନାଳ ଡେଇଁ ପାହାଡ଼ ପର୍ବତ ଅତିକ୍ରମ କରି ଶେଷରେ କୋଶେଚେଇର ଅନ୍ଧାର ରାଜ୍ୟରେ ପହଞ୍ଚିଲେ । କୋଶେଚେଇର ଅନ୍ଧାର ରାଜ୍ୟରେ ସେମାନେ ଯେତେବେଳେ ପହଞ୍ଚିଲେ ଦେଖିଲେ ଯେ ସବୁଆଡ଼େ କଳି କଳି ଅନ୍ଧକାର ଢାଙ୍କି ରହିଛି । କେବଳ ଗୋଟିଏ ମାତ୍ର ରାସ୍ତା ରାଜଉଆସକୁ ଯାଇଛି ।

ତଧିଆଟି ଇଭାନ୍‌କୁ କହିଲା, "ରାଜକୁମାର, ଏହି ରାସ୍ତା କାଟି ଦେଇ ଆଗକୁ ବଢ଼ିଲା ବେଳେ ଦେଖିବ ଗୋଟିଏ ମସ୍ତବଡ଼ ପାହାଡ଼ । ପାହାଡ଼ର ଶିଖର ଦେଶରେ କୋଶେଚେଇର ଉଆସ । ଏ ଉଆସ ଭିତରେ ହେଲେନ୍ ବନ୍ଦୀ ହୋଇ ରହିଛନ୍ତି । ପାହାଡ଼ ତଳେ ଗୋଟିଏ ମସ୍ତବଡ଼ ଓକ୍ ଗଛ ଦେଖିବାକୁ ପାଇବ । ଓକ୍ ଗଛର ଗଣ୍ଡିରେ ଗୋଟିଏ ଲୁହାର କବାଟ ଲଗିଥିବ । ତାକୁ ଖୁବ ଜୋର୍‌ରେ ଠେଲି ଦେଲେ ତାହା ଖୋଲିଯିବ ଓ ସେ ଭିତରେ ତୁମେ ଗୋଟିଏ ସୁଡ଼ଙ୍ଗ ଦେଖିବ । ସୁଡ଼ଙ୍ଗ ଭିତରକୁ ନିର୍ଭୟରେ ପଶିଯିବ । ସେ ଭିତରେ ଗୋଟିଏ ସିନ୍ଦୁକ ପାଇବ । ସିନ୍ଦୁକଟିକୁ ଖୋଲି ଦେଲେ ତା ଭିତରୁ ଗୋଟିଏ ଠେକୁଆ ଡେଇଁ ଆସିବ । ଠେକୁଆଟିକୁ ତୁମେ କାଳ ବିଳମ୍ବ ନକରି ହାଣି ଦେବ । ଠେକୁଆ ଭିତରୁ ପୁଣି ଗୋଟିଏ ବତକ ବାହାରିବ । ବତକଟିକୁ ଯଦି ତୁମେ ମାରିଦେବ ତା ଭିତରୁ ଗୋଟିଏ ଅଣ୍ଡା ବାହାରିବ । ଏ ଅଣ୍ଡାକୁ ଯଦି ତୁମେ ନଷ୍ଟକରିଦେବ ତେବେ କୋଶେଚେଇ ମରିଯିବ କାରଣ ଏ ଅଣ୍ଡାରେ ହିଁ କୋଶେଚେଇର ଜୀବନ ଅଛି । ତା'ପରେ ହେଲେନ୍‌କୁ ସାଙ୍ଗରେ ଧରି ତୁମେ ନେଇ ଆସିବ ।"

ତଧିଆର କଥା ଅନୁଯାୟୀ ଇଭାନ ସାରେଭିଚ୍ ଅନ୍ଧାର ରାଜାଙ୍କର ଉଆସ ଆଡ଼କୁ ଯାଇଥିବା ରାସ୍ତାରେ ଗଲା । କିଛିବାଟ ଗଲା ପରେ ସେ ଗୋଟିଏ ବଡ଼ ପାହାଡ଼ ଦେଖିଲା । ପାହାଡ଼ଟି ଉପରେ କୋଶେଚେଇର

Digitized by srujanika@gmail.com

ଉଆସ ଏବଂ ପାହାଡ଼ତଳେ ଗୋଟିଏ ଓକ୍ ଗଛ ଥିଲା । ଇଭାନ ଓକ୍ ଗଛର ଗଣ୍ଡିରେ ଲାଗିଥିବା କବାଟକୁ ଖୁବ୍ ଜୋରରେ ଠେଲିଦେଲା । ଦେଖୁଁ ଦେଖୁଁ ଓକ୍‌ଗଛର କବାଟ ଖୋଲି ଗଲା । ସେ ଭିତରେ ଥିଲା ସୁଡ଼ଙ୍ଗ ଭିତରକୁ ଇଭାନ୍ ପ୍ରାରେଷ୍ଟନ ପଶିଗଲା ସିନ୍ଦୁକ ଭିତରେ ଥିବା ଠେକୁଆକୁ ଦୁଇଖଣ୍ଡ କରି ଚାଣିଦେଲା । ଠେକୁଆର ପେଟ ଭିତରେ ଗୋଟିଏ ବତକ ଥିଲା । ସେ ପୁଣି ସେହି ବତକକୁ ଚାଣିଦେଲା । ବତକର ପେଟରେ ଥିବା ଅଣ୍ଡାଟିକୁ ହାତରେ ଧରିଲା । ସେ କୋଶେଚେଇର ଉଆସ ଆଡ଼କୁ ଛୁଟିଗଲା ।

ସେଠିକି ଯାଇ ସେ ଦେଖିଲା ବିଶ୍ୱସୁନ୍ଦରୀ ହେଲେନ୍ ସେଇଠି ବନ୍ଦୀହୋଇ ରହିଛି । ହେଲେନ୍‌ଙ୍କ ରୂପ ଦେଖି ଇଭାନ୍ ଆଶ୍ଚର୍ଯ୍ୟ ହୋଇଗଲା । ହେଲେନ୍ ମଧ୍ୟ ଇଭାନ୍‌ଙ୍କ ଭଳି ସୁନ୍ଦର ରାଜକୁମାର ଦେଖି ତାଙ୍କୁ ସ୍ୱାମୀ ରୂପେ ବରଣ କରିବା ପାଇଁ ଇଚ୍ଛା ପ୍ରକାଶ କଲେ ।

ସେତିକିବେଳେ ବିକଟାଳ ଗର୍ଜନ କରି କୋଶେଚେଇ ଧାଇଁଆସିଲା । ଇଭାନ୍ ପାଖକୁ । କିନ୍ତୁ ଇଭାନ୍ କାଳ ବିଳମ୍ବ ନକରି ଅଣ୍ଡାଟିକୁ ତଳେ କଚାଡ଼ି ଦେଲା । ଅଣ୍ଡାଟି ତଳେ ପଡ଼ି ଫାଟିଗଲା । ତେଣେ କୋଶେଚେଇ ମଧ୍ୟ ବିକଟାଳ ରଡ଼ି କରି ତାଳଗଛ ପଡ଼ିଲାପରି କଚାଡ଼ିହୋଇ ମରି ଶୋଇଲା ।

ଇଭାନ୍ ହେଲେନ୍‌କୁ ସାଙ୍ଗରେ ନେଇ ଅପେକ୍ଷା କରିଥିବା ଧୂସର ଠେକୁଆ ପାଖରେ ପହଞ୍ଚିଲା । ସେ କହିଲା, "ବନ୍ଧୁ, ଆଗ୍ନେୟ ପକ୍ଷୀର ବଦଳରେ ହେଲେନ୍‌କୁ ଅନ୍ୟ ଜଣେ ରଜାଙ୍କ ହାତରେ ମୁଁ ସମର୍ପି ଦେଇ ପାରିବ ନାହିଁ । ମୁଁ ହେଲେନ୍‌କୁ ମୋର ରାଣୀକରି ରଖିବାକୁ ଇଚ୍ଛା କରୁଛି ।"

ଧୂସର ଠେକୁଆ କହିଲା, ତେବେ ଚିନ୍ତାକରନାହିଁ । ମୁଁ ହେଲେନ୍‌ର ରୂପରେ ନିଜକୁ ସଜାଇ ଦେଉଛି । ତୁମେ ମୋତେ ସାଙ୍ଗରେ ନେଇ ରଜାଙ୍କ ପାଖରେ ସମର୍ପି ଦେବ ଓ ମୋ ବଦଳରେ ଆଗ୍ନେୟ ପକ୍ଷୀଟିକୁ ସାଙ୍ଗରେ ନେଇ ହେଲେନ୍‌କୁ ଧରି ଯେତେଶୀଘ୍ର ପାରିବ ପଳାଇବ । ମୁଁ ପୁଣି ବାଟରେ ଯାଇ ତୁମକୁ ଭେଟିବ ।"

Digitized by srujanika@gmail.com

ଗଧିଆ କଥାରେ ଇଭାନ୍ ଗ୍ରାଣ୍ଡେଭିଚ୍ ରାଜି ହେଲା । ସେ ଗଧିଆଟିକୁ ହେଲେନ୍‌ଙ୍କ ଭଳି ବେଶରେ ସଜାଇ ରାଜାଙ୍କ ପାଖରେ ପହଞ୍ଚିଲା । ରାଜା ଖୁସିରେ ଅଗ୍ନେୟ ପକ୍ଷୀଟିକୁ ପିଞ୍ଜରା ସହିତ ଇଭାନ୍ ହାତରେ ଧରାଇ ଦେଲେ । ଇଭାନ୍ ଗ୍ରାଣ୍ଡେଭିଚ ପକ୍ଷୀଟିକୁ ଧରି ଚାଲି ଆସିଲା । ପଦାରେ ବିଶ୍ୱସୁନ୍ଦରୀ ହେଲେନ୍ ତାଙ୍କୁ ଅପେକ୍ଷା କରି ରହିଥିଲେ । ଏବେ ସେମାନେ ଜାର ବକମ୍ବ ନିକଟ ପଳାଇଲେ ।

ରାଜା ହେଲେନ୍‌ଙ୍କୁ ପାଇଥିବାରୁ ମନେ ମନେ ବହୁତ ଖୁସିହେଲେ । ସେ ହେଲେନ୍‌ଙ୍କ ସହିତ ବିବାହ କରିବାପାଇଁ ରାଜ୍ୟସାରା ସବୁ ଲୋକଙ୍କୁ ଡକାଇଲେ । ରାଜ୍ୟବାସୀ ସମସ୍ତେ ଭୋଜି ଖାଇଲେ । କିନ୍ତୁ ବାହାଘର ପରେ ରାଜା ଦେଖିଲେ ଯେ ଯାହାକୁ ସେ ବିବାହ କରିଛନ୍ତି ସେତ ହେଲେନ୍ ନୁହେଁ । ତା ମୁହଁଟି ଗୋଜିଆ ହୋଇ କାନ ଦୁଇଟି ଉପରକୁ ଠିଆ ଠିଆ ହୋଇଛି ।

ରାଜାଙ୍କୁ ଅପମାନ ବୋଧ ହେଲା । ସେ ଏ ଅଦ୍ଭୁତ ଜୀବଟିକୁ ମାରିବାପାଇଁ ଗୋଡ଼ାଇ ବସିଲେ । କିନ୍ତୁ ଗଧିଆଟି ଝରକା ଡେଇଁ ଧାଇଁ ପଳାଇଲା । ରାଜା ତାକୁ ମାରି ପାରିଲେ ନାହିଁ ।

କିଛିବାଟ ଗଲାପରେ ଗଧିଆ ଇଭାନ୍ ଓ ହେଲେନ୍‌ଙ୍କୁ ଭେଟିଲା । ସେମାନଙ୍କୁ ସେ ନିଜ ପିଠିରେ ବସାଇ ତାଙ୍କ ରାଜ୍ୟରେ ପହଞ୍ଚିଲା । ଧୂସର ଗଧିଆ ପିଠିରୁ ହେଲେନ୍ ଓ ଇଭାନ୍ ଓହ୍ଲାଇ ପଡ଼ିଲେ । ଇଭାନ୍ ଅଗ୍ନେୟ ପକ୍ଷୀଟିକୁ ନେଇ ରାଜାଙ୍କୁ ଦେଲା । ପକ୍ଷୀଟିକୁ ପାଇ ରାଜା ବହୁତ ଖୁସି ହେଲେ ଓ ଇଭାନ୍ ସହିତ ହେଲେନ୍‌ଙ୍କ ବିବାହ ମଧ୍ୟ ଜାକଜମକରେ କଲେ ।

ଏହାପରେ ଧୂସର ଗଧିଆଟି ସେ ରାଜ୍ୟ ଛାଡ଼ି ବଣକୁ ଚାଲିଯିବା ପାଇଁ ଇଚ୍ଛା କରୁଥିଲା କିନ୍ତୁ ଇଭାନ୍‌ର ଅନୁରୋଧ ଯୋଗେ ସେ ମଧ୍ୟ ଇଭାନ୍‌ର ପାଖରେ ରହି ଆନନ୍ଦରେ ଦିନ କଟାଇଲା ।

Digitized by srujanika@gmail.com